ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.200 Bhubaneswar Sunday, September 26, 2021 ୨୪ତମ ବର୍ଷ ସଂଖ୍ୟା-୨୦୦ ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୫, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹.50 (Air Surcharge - 0.50P) Member-INS



ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ଆଇ.ଏ.ଏସ୍ ଆସୋସିଏସନ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ କେନ୍ଦ୍ର ଗୃହ, ଯୁବବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ନିଶିଥ ପରମାଣିକ ଟୋକିଓ ଅଲମ୍ପିକ୍ସ ୨୦୨୦ରେ ସ୍ୱର୍ଣ୍ଣପଦ ବିଜେତା ନିରଜ ଚୋପ୍ରାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି

# ରବିବାର ସଂଧ୍ୟାରେ ସ୍ଥଳଭାଗ ଛୁଇଁବ ବାତ୍ୟା ଗୁଲାବ

ଭୁବନେଶ୍ୱର, ୨୫।୯(ପି.ଏନ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଡିପ୍-ଡିପ୍ରେସନ ବାତ୍ୟାର ରୂପ ନେବା ପରେ ରବିବାର ସଂଧ୍ୟାରେ ସ୍ଥଳ ଭାଗ ଛୁଇଁବ ବୋଲି ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆ ଯାଇଛି । ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରୀ ବୁଲେଟିନରେ କୁହା ଯାଇଛି ଯେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଡିପ୍-ଡିପ୍ରେସନ ଘଂଟା ପ୍ରତି ୧୭ କିଲୋମିଟର ବେଗରେ ପଶ୍ଚିମ ଦିଗରେ ଗତି କରୁଛି ।ଶନିବାର ଦିନ ସାଢେ ୧୧ଟା ସୁଦ୍ଧା ଏହା ଗୋପାଳପୁରଠାରୁ ୪୧୦ କିଲୋମିଟର ପୂର୍ବ,ଦକ୍ଷିଣ-ପୂର୍ବ ଦିଗରେ ଅବସ୍ଥିତ ଥିଲା । ଆସନ୍ତା ୬ ଘଂଟାରେ ଅର୍ଥାତ ଆଜି ରାତି ସୁଦ୍ଧା ଏହା ଏକ ସାମୁଦ୍ରିକ ବାତ୍ୟାରେ ପରିଣତ ହେବ । ଏହା ପଶ୍ଚିମ ଦିଗରେ ଗତି କରି ଆସନ୍ତା ରବିବାର ସଂଧ୍ୟା ସୁଦ୍ଧା ଆନ୍ଧ୍ରପ୍ରଦେଶର କଳିଙ୍ଗପଟ୍ଟନମ ଓ ଓଡ଼ିଶାର ଗୋପାଳପୁର ମଧ୍ୟରେ ସ୍ଥଳଭାଗ ଛୁଇଁବ ବୋଲି ପୂର୍ବାନୁମାନ କରାଯାଇଛି । ଏହି ବାତ୍ୟା ଗୁଲାବର ପ୍ରଭାବରେ ରବିବାରଦିନ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ହେବା ସହ ଘଂଟା ପ୍ରତି ୬୫ରୁ ୭୫ କିଲୋମିଟର ବେଗରେ ପବନ ବହିବ । ଏହି ସମୟରେ ସମୁଦ୍ର ପ୍ରବଳ ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ଆଇଏମଡି ପକ୍ଷରୁ କୁହାଯାଇଛି ।

## ୨୭ ତାରିଖ ଭାରତ ବନ୍ଦକୁ କଂଗ୍ରେସ ସମର୍ଥନ କରିବ

ଭୁବନେଶ୍ୱର, ୨୫।୯(ପି.ଏନ): କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ତିନିଗୋଟି କଳା କୃଷି ଆଇନ ପ୍ରତ୍ୟାହାର ଦାବିରେ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୨୭ ତାରିଖ ଦିନ ଭାରତ ବନ୍ଦ ହେବାକୁ ଯାଉଛି। ଭାରତୀୟ ଜାତୀୟ କଂଗ୍ରେସ ଏହି ବନ୍ଦକୁ ସମର୍ଥନ କରିବାପାଇଁ ନିଷ୍ପତି ନେଇଛି। କଂଗ୍ରେସ ଦଳ ସର୍ବଦା କୃଷକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରିଆସିଛି। ଏଣୁ ୨୭ ତାରିଖ ଦିନ ଭାରତ ବନ୍ଦକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ଣ୍ଣ ସମର୍ଥନ ଦିଆଯିବ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି। ଏହି ମର୍ମରେ ଜିଲ୍ଲାସ୍ତରରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବନ୍ଦ କାର୍ଯ୍ୟକ୍ରମକୁ ପୂର୍ଣ୍ଣମାତ୍ରାରେ ସଫଳ କରିବାପାଇଁ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଜିଲ୍ଲା ସଭାପତି ମାନଙ୍କ ପତ୍ର ଲେଖିଛନ୍ତି। ରାଜ୍ୟର ସମସ୍ତ କଂଗ୍ରେସ ନେତୃବୃନ୍ଦ, ସାଂସଦ, ବିଧାୟକ, ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ, ସାମୁଖ୍ୟ ଓ ପ୍ରକୋଷ୍ଠର କର୍ମକର୍ତ୍ତା, ସାଂସଦ ଓ ବିଧାୟକ ପ୍ରାର୍ଥୀ, କୃଷକ, ଶ୍ରମିକ ଓ ଜନସାଧାରଣ ଏହି ବନ୍ଦକୁ ସଫଳ କରିବାକୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି ବୋଲି ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଜଣାଇଛନ୍ତି।

## ରାଜ୍ୟ ସରକାରଙ୍କ ଦ୍ୱାରା ଅରିନ୍ଦମ ଦାସଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ

ଭୁବନେଶ୍ୱର, ୨୫।୯(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଗତକାଲି ଏକ ଦୁଃଖଦ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଓଟିଭିର ଚିଫ ରିପୋର୍ଟ ଅରିନ୍ଦମ ଦାସଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯାଇଛି । ଗତକାଲି ମୁଣ୍ଡଳୀଠାରେ ଓଡ୍ରାଫ୍ ଟିମ୍ ସହ ଡଙ୍ଗାରେ ଯାତ୍ରା କରୁଥିବାବେଳେ ଅରିନ୍ଦମ ଦାସ ଏକ ଦୁଃଖଦ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ତାଙ୍କ ପରଲୋକ ସମ୍ବାଦ ପାଇ ସୂଚନା ଓ ଲୋକସଂପର୍କ ବିଭାଗର ଗଣମାଧ୍ୟମ ପରାମର୍ଶଦାତା ଶ୍ରୀ ମାନସ ରଂଜନ ମଙ୍ଗରାଜ ଘୋର ବ୍ୟଥିତ ହୋଇଥିଲେ ଓ ଅରିନ୍ଦମ ଦାସଙ୍କ ପରିବାରକୁ ତୁରନ୍ତ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ଆଜି ପୂର୍ବାହ୍ନରେ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ଅନୁକମ୍ପା ରାଶି ବାବଦରେ ୪ ଲକ୍ଷ ଟଙ୍କାର ଏକ ଚେକ୍ ମଂଜୁର କରାଯାଇ ତାଙ୍କ ପତ୍ନୀ ଶ୍ରୀମତୀ ସମୀକ୍ଷା ବେହେରାଙ୍କ ନିକଟକୁ ଗଣମାଧ୍ୟମ ପରାମର୍ଶଦାତା ଶ୍ରୀ ମଙ୍ଗରାଜ ପଠାଇଛନ୍ତି ।

## ରାଜ୍ୟରେ କରୋନାରେ ଆଉ ୭ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୮୧୭୦ ହେଲା

ଭୁବନେଶ୍ୱର, ୨୫।୯(ପି.ଏନ): ରାଜ୍ୟରେ କରୋନାରେ ଆଉ ୭ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୧୭୦ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ୨ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ଅନୁଗୁଳ, ବାଲେଶ୍ୱର, ଭଦ୍ରକ, କଟକ, ଓ ଜଗତସିଂହପୁର ଜିଲ୍ଲାରୁ ଜଣେ ଲେଖାଏ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି ।ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ। ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

## ପଞ୍ଚମହାଭୁତରେ ବିଲୀନ ହେଲେ ଯୁବ ସାମ୍ବାଦିକ ଅରିନ୍ଦମ ଦାସ

କେନ୍ଦୁଝର, ୨୫।୯(ପି.ଏନ) ମୁଣ୍ଡଳୀ ବ୍ୟାରେଜ ନିକଟରେ ହାତୀକୁ ଉଦ୍ଧାର କରିବାକୁ ଗତକାଲି ଯାଇ ଡଙ୍ଗା ବୁଡିବା ଘଟଣାରେ ମୃତ୍ୟୁବରଣ କରିଥିବା ଯୁବ ସାମ୍ବାଦିକ ଅରିନ୍ଦମ ଦାସ ଆଜି ପଂଚତତ୍ୱରେ ବିଲୀନ ହୋଇଛନ୍ତି। ଅରିନ୍ଦମଙ୍କ ପାର୍ଥିବ ଶରୀର ତାଙ୍କ ପୈତୃକ ଗାଁ କେନ୍ଦୁଝର ଜିଲ୍ଲା ରାଜନଗର ପଂଚାୟତର ରାଇକଳାରେ ପହଂଚିଥିଲା। ଏହାପରେ ଏକ ଶୋଭାଯାତ୍ରାରେ ଅରିନ୍ଦମଙ୍କ ପାର୍ଥିବ ଶରୀରକୁ ଶ୍ମଶାନ ଅଭିମୁଖେ ନିଆଯାଇଥିଲା। ତାପରେ ସେଠାରେ ଶୋକାକୁଳ ପରିବେଶରେ ବୈତରଣୀ ନଦୀ କୂଳରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ଓଡ୍ରାଫ ମିଳିଲା କର୍ମଚାରୀଙ୍କ ମୃତଦେହ ମିଳିଲା

ଭୁବନେଶ୍ୱର, ୨୫।୯(ପି.ଏନ): ମହାନଦୀକୁ ହାତୀ ଉଦ୍ଧାର କରିବାକୁ ଯାଇ ବୋଟ ବୁଡିବା ଘଟଣାରେ ନିଖୋଜ ଥିବା ଓଡ୍ରାଫ କର୍ମଚାରୀଙ୍କ ମୃତଦେହ ଉଦ୍ଧାର ହୋଇଛି । ସ୍ୱତନ୍ତ୍ର ରିଲିଫ କମିଶନର ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ଏହା ପୂର୍ବରୁ ଏସଆରସି ସକାଳେ ଧବଳେଶ୍ୱର ଠାରୁ ମୃତ ଦେହ ମିଳିଲା ବୋଲି ସୂଚନା ଦେଇଥିଲେ । ମାତ୍ର ପରବର୍ତ୍ତୀ ସମୟରେ ତାଙ୍କର ସୂଚନା ଭୁଲ ବୋଲି ନିଜେ ଟ୍ୱିଟରରେ ସ୍ୱୀକାର କରିଥିଲେ । ଉଲ୍ଲେଖନୀୟ ଯେ ଗତକାଲି ମହାନଦୀରେ ଫସିଥିବା ଦନ୍ତା ହାତୀକୁ ଉଦ୍ଧାର କରିବା ପାଇଁ ଏକ ରବର ବୋଟରେ ଓଡ୍ରାଫ କର୍ମଚାରୀଙ୍କ ସହ ଦୁଇଜଣ ଗଣମାଧ୍ୟମ ପ୍ରତିନିଧି ଯାଇଥିଲେ ।

## ଗୋଟିଏ ଦିନରେ ୬୦୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୫।୯(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୬୦୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୩୭୩୫ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୯ ହଜାର ୫୮୨ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୯୩୦ ରହିଛି। ଆଜି ଚିହ୍ନଟ ହୋଇଥିବା ୬୦୨ ଜଣଙ୍କ ମଧ୍ୟରୁ ୩୫୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୪୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୬୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକରୁ ୭ ଜଣ ସଂକ୍ରମିତ ହୋଇଥିବା ବେଳେ ବଲାଙ୍ଗୀର ଜିଲ୍ଲାରୁ ଜଣେ ଓ ବୌଦ୍ଧ ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୭୪ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୨ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଜପତି ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଂଜାମ ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୪ ଜଣ, ଯାଜପୁରରୁ ୧୬ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୩. କନ୍ଧମାଳ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ାରୁ ୩ ଜଣ, କେନ୍ଦୁଝରରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୬୬ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ଼ରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୧୩ ଜଣ, ରାୟଗଡ଼ାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୨୩, ସୋନପୁରରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୫ ଜଣ ଓ ଷ୍ଟେଟ୍ ପୁଲରୁ ୬୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ସମ୍ଭାବ୍ୟ ବାତ୍ୟାରେ ପ୍ରଭାବିତ ହୋଇପାରେ ଓଡିଶାର ୭ ଜିଲ୍ଲା

ଭୁବନେଶ୍ୱର, ୨୫।୯(ପି.ଏନ): ସମ୍ଭାବ୍ୟ ବାତ୍ୟା ଗୁଲାବ ଆନ୍ଧ୍ର ଉପକୂଳରେ ସ୍ଥଳଭାଗ ଛୁଇଁବାକୁ ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରା ଯାଇଥିବା ରାଜ୍ୟ ସରକାର ଏହାର ମୁକାବିଲା ନେଇ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି । ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଏନେଇ କହିଛନ୍ତି ଯେ ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟାର ସାମାନ୍ୟ ପ୍ରଭାବ ପଡିପାରେ । ଏନେଇ ସରକାର ସଜାଗ ଏବଂ ସଚେତନ ରହିଛନ୍ତି । ବାତ୍ୟା ପ୍ରଭାବରେ ପାହାଡ଼ିଆ ଅଂଚଳରେ ଭୁସ୍ଖଳନ ହୋଇପାରେ, ତଳିଆ ଅଂଚଳରେ ପାଣି ଜମିପାରେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ।ଏହି ବାତ୍ୟାରେ ରାଜ୍ୟର ସାତଟି ଜିଲ୍ଲା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କନ୍ଧମାଳ ଓ ନୟାଗଡ଼ ପ୍ରଭାବିତ ହେବାର ଆଶଙ୍କା ରହିଛି । ଏହି ସମସ୍ତ ଜିଲ୍ଲାରେ ଆଗୁଆ ସତର୍କତା କରାଯାଇଛି ।ବାତ୍ୟାକୁ ଆଖି ଆଗରେ ରଖି ଏସଆରସି ୭ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଭିଡିଓ କନଫରେନ୍ସ ମାଧ୍ୟମରେ ବୈଠକ କରିଛନ୍ତି ଏସଆରସି । ଜିଲ୍ଲାପାଳମାନଙ୍କୁ ମଧ୍ୟ ସଜାଗ ରହିବା ପାଇଁ କୁହାଯାଇଛି । ଏହି ସମସ୍ତ ଜିଲ୍ଲାକୁ ୪୨ ଓଡ୍ରାଫ, ୨୪ ଏନଡିଆରଏଫ ଟିମ ପଠାଯିବା ପାଇଁ ବ୍ୟବସ୍ଥା ହୋଇଥିବା ସୂଚନା ପ୍ରଦାନ କରିଛନ୍ତି ଏସଆରସି । ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କନ୍ଧମାଳ ଓ ମାଲକାନଗିରିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ମଧ୍ୟ କହିଛନ୍ତି ପ୍ରଦୀପ ଜେନା ।ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ବାତ୍ୟା ସ୍ଥଳଭାଗ ମୁହାଁ ହୋଇଛି । ଉତର-ପୂର୍ବ ଏବଂ ପୂର୍ବ- କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଗଭୀର ଅବପାତର ରୂପ ନେଇଛି । ବର୍ତ୍ତମାନ ଏହା ପଶ୍ଚିମ- ଉତର-ପଶ୍ଚିମ ଦିଗରେ ଗତି କରୁଛି । ଗତ ୬ ଘଂଟା ମଧ୍ୟରେ ଘଂଟାପ୍ରତି ୧୨ କିଲୋମିଟର ବେଗରେ ଗତିକରୁଛି ବାତ୍ୟା ଗୁଲାବ । ଗୋପାଳପୁର ଠାରୁ ୫୧୦ କିଲୋମିଟର ଦକ୍ଷିଣ- ପୂର୍ବରେ ରହିଛି । କଳିଙ୍ଗପାଟନମ୍ ଠାରୁ ୫୯୦ କିଲୋମିଟର ପୂର୍ବରେ ରହିଛି । ଆନ୍ଧ୍ର ଉପକୂଳ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରେ ସ୍ଥଳଭାଗ ଛୁଇଁବା ସମ୍ଭାବନା ରହିଛି । ୭ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି । ସେପଟେ ବାତ୍ୟା ପ୍ରଭାବରେ କାଲିଠୁ ବଢିବ ବର୍ଷାର ପରିମାଣ ।ପ୍ରଭାବିତ ହେବାକୁ ଥିବା ସମ୍ଭାବ୍ୟ ଜିଲ୍ଲାକୁ ଏନଡିଆରଏଫ ଏବଂ ଓଡ୍ରାଫ ଟିମ ବଣ୍ଟନ କରାଯାଇଛି । ଏହି କ୍ରମରେ ଗଞ୍ଜାମ ଜିଲ୍ଲାକୁ ୧୫ଟି ଓଡ୍ରାଫ ଟିମ, ୬ଟି ଏନଡିଆରଏଫ ଟିମ ପ୍ରଦାନ କରାଯାଇଛି । ସେହିପରି ଗଜପତିକୁ ୬ଟି ଓଡ୍ରାଫ, ୪ଟି ଏନଡିଆରଏଫ ଟିମ, ରାୟଗଡ଼ାକୁ ୬ଟି ଓଡ୍ରାଫ ୪ଟି ଏନଡିଆରଏଫ ଟିମ୍, କୋରାପୁଟକୁ ୩ଟି ଓଡ୍ରାଫ ୪ଟି ଏନଡିଆରଏଫ, ମାଲକାନଗିରିକୁ ୬ଟି ଓଡ୍ରାଫ, ୨ଟି ଏନଡିଆରଏଫ, ନବରଙ୍ଗପୁରକୁ ୩ଟି ଓଡ୍ରାଫ, କନ୍ଧମାଳକୁ ୩ଟି ଓଡ୍ରାଫ ଟିମ ଏବଂ ନୟାଗଡ଼କୁ ୪ଟି ଏନଡିଆରଏଫ ଟିମ ପଠାଯିବ ବୋଲି ସୂଚନା ରହିଛି।

## ପିପିଲିରେ କେନ୍ଦ୍ରମନ୍ତ୍ରୀଙ୍କ ମାରାଥନ ନିର୍ବାଚନୀ ପ୍ରଚାର

### ପ୍ରଜାତନ୍ତ୍ରରେ ସରକାରୀ କଳ ଏବଂ ବଳ ଠାରୁ ଜନ ବଳ ସବୁଠୁ ଉର୍ଦ୍ଧ୍ୱରେ : ଧର୍ମେନ୍ଦ୍ର ପ୍ରଧାନ

ପିପିଲି, ୨୫।୯(ପି.ଏନ): ଓଡ଼ିଆ ସଂସ୍କୃତିର ମୁଖଶାଳା ତଥା କୃଷି ପ୍ରଧାନ ଅଂଚଳ ପିପିଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ପିଏମ ଆବାସ ଯୋଜନାରେ ଘର ସମେତ ଅଂଚଳର ବିକାଶମୂଳକ କାର୍ଯ୍ୟ ପାଇଁ ବିପୁଳ ଅର୍ଥ ଯୋଗାଇବା ସତ୍ୱେ ଦଳୀୟ ପଶାପାଲିରେ ଶାସକ ଦଳ ଦ୍ୱାରା ଏହି ଅର୍ଥକୁ ବାଟମାରଣା କରାଯାଇଛି। ପିପିଲିବାସୀ ଭୋଟ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଏହି ବାଟମାରଣା ଅର୍ଥର ସଠିକ୍ ଜବାବ୍ ଦେବେ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ପ୍ରଜାତନ୍ତ୍ରରେ ସରକାରୀ କଳ ଏବଂ ବଳ ଠାରୁ ଜନ ବଳ ସବୁଠୁ ଉର୍ଦ୍ଧ୍ୱରେ ସେ କହିଛନ୍ତି । ଶନିବାର ପିପିଲି ନିର୍ବାଚନ ମଣ୍ଡଳିର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ସମର୍ଥନରେ ପ୍ରଚାର କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାରେ ଗତ ଦୁଇ ବର୍ଷ ତଳେ ଫୋନି ମହାବାତ୍ୟା ହୋଇଥିଲା। ପ୍ରଧାନମନ୍ତ୍ରୀ ନିଜେ ଏହି ଅଂଚଳକୁ ବୁଲି ଦେଖିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନୂଆ ଘର ପାଇଁ ଅର୍ଥ, ଘରଭଙ୍ଗା ପାଇଁ ଆର୍ଥିକ ସହାୟତା, ରାସ୍ତା ମରାମତି ତଥା ଅଂଚଳର ଅନ୍ୟାନ୍ୟ ବିକାଶ ପାଇଁ ସାହାଯ୍ୟ ପଠାଇଥିଲେ। ମାତ୍ର ଦଳୀୟ ପଶାପାଲିରେ ପେଶି ହୋଇ ଶାସକ ଦଳ ନିଜ କର୍ମୀ ଓ ସମର୍ଥକ ମାନଙ୍କୁ ମଧ୍ୟସ୍ଥି ଜରିଆରେ କ୍ଷତିଗ୍ରସ୍ତଙ୍କ ପାଇଁ ଆସିଥିବା ସବୁ ଘର ଦେବାକୁ ଷଡ଼ଯନ୍ତ୍ର କଲେ। ଏହି ଷଡ଼ଯନ୍ତ୍ର କାରଣରୁ ଯୋଗ୍ୟ ହିତାଧିକାରୀ ଘର ପାଇଲେ ନାହିଁ। ଫଳରେ ଏହା ବିରୁଦ୍ଧରେ ଜନମତ ତିଆରି ହେଲା ଏବଂ ମୋଦିଙ୍କ ଟଙ୍କାର ସଠିକ୍ କ୍ରିୟାନୟନ ହୋଇପାରିଲା ନାହିଁ। ଏହା ଆଜି ପିପିଲିର ମୂଳ ପ୍ରସଙ୍ଗ ଏବଂ ଶାସକ ଦଳର ଅପାରଗତାର ଚରମ ନିଦର୍ଶନ। ପିପିଲିର ଜନସାଧାରଣ ଏହା ବିରୁଦ୍ଧରେ ଏକାଠି ହୋଇ ନିଶ୍ଚିତ ଭାବେ ବିଜେପି ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କୁ ପଦ୍ମ ଫୁଲରେ ଭୋଟ ଦେଇ ଜୟଯୁକ୍ତ କରିବେ। ପିପିଲିର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ପଠାଇଥିବା ଟଙ୍କାକୁ ଦଳୀୟ କର୍ମୀଙ୍କ ମଧ୍ୟରେ ଆତ୍ମସାତ୍ କରୁଥିବା ଅଭିଯୁକ୍ତ ଏବଂ ମୁଖ୍ୟ ଦୋଷୀ ମାନଙ୍କୁ ଭୋଟ ମାଧ୍ୟମରେ ଜବାବ୍ ଦେବେ। ପିପିଲିରେ ଏଥର ପରିବର୍ତନ ହେବା ନିଶ୍ଚିତ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ସରକାରୀ ଦଳର ଅପାରଗତା ବିରୋଧରେ ଏଠାରେ ଜନଆକ୍ରୋଶ ତଥା ଜନଅସନ୍ତୋଷର ବାତାବରଣ ତିଆରି ହୋଇଛି। ସ୍ଥାନୀୟ ବାସୀନ୍ଦା ଆସନ୍ତା ନିର୍ବାଚନରେ ବିଜେପିକୁ ଭୋଟ୍ ଦେଇ ଏହାର ଉଚିତ୍ ଜବାବ ଦେବେ। ପ୍ରଜାତନ୍ତ୍ରରେ ସରକାରୀ କଳ ଏବଂ ବଳ ଠାରୁ ଜନ ବଳ ସବୁଠୁ ଉର୍ଦ୍ଧ୍ୱରେ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁରୀ ଜିଲ୍ଲା ପିପିଲି ନିର୍ବାଚନୀ ମଣ୍ଡଳିର ଲକ୍ଷ୍ମୀନାରାୟଣପୁର, ଗୁଡ଼ିଆ ପଖୋରୀ, ନୂଆ ଶାସନ, ଡେଲାଙ୍ଗ, ସଁପୁର, ମଙ୍ଗଳପୁର, ଚନ୍ଦ୍ରଦେଇପୁର, ମୌଜିବେଗ୍, ନୂଆହାଟ, କୁମାରେସ୍ୱର, ବୀରପୁରୁଷତୋମପୁର, ବେରବୋଇ ଓ ଡ଼େଲାଙ୍ଗ ସମେତ ବିଭିନ୍ନ ଅଂଚଳରେ ନିର୍ବାଚନ ପ୍ରଚାର କରିବା ସହ ଦଳୀୟ ପ୍ରାର୍ଥୀ ଆଶ୍ରିତ୍ ପଟ୍ଟନାୟକଙ୍କୁ ପଦ୍ମ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ।

MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଚେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ତୌସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କେବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।



ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା । ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।






ସଙ୍ଗୀତକାର ସୋୟମ ପାଢ଼ୀ ଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର) ନିଜର ଜାଦୁକାରୀ କଣ୍ଠ ସ୍ୱର ପାଇଁ ସାରା ଓଡିଶା ର ଯୁବପିଢି ଙ୍କ ମନ ରେ ରାଜ କରନ୍ତି ସୋୟମ ପାଢ଼ୀ।ପିଲାଟି ବେଳୁ ଗୀତ ପ୍ରତି ରୁଚି ରଖିଥିବା ସୋୟମ ବୃତ୍ତି ରେ ଜଣେ ଇଞ୍ଜିନିୟର।ଏକେ ରିଏଲିଟିସୋ ରୁ କାରୀୟର ଆରମ୍ଭ କରିଥିବା ସୋୟମ ପରେ ଫିଲ୍ମ ଜଗତରେ ଗୀତ ଗାଇ ସମସ୍ତଙ୍କ ମନ ମୋହିଥିଲେ।

**ପ୍ରଶ୍ନ : ସୋୟମ ପାଢ଼ୀଙ୍କ ସଙ୍ଗୀତ ଗୁରୁ କିଏ ?**

ଉତ୍ତର : ପିଲା ବେଳଠୁ ବହୁତ ସାରା ଗୁରୁ ଙ୍କ ଠୁ ଗୀତ ଶିଖିଛି,ଅରୁଣ କୁମାର ମହାରଣା ଙ୍କ ଠୁ ପାଞ୍ଚ ବର୍ଷ ଓଡିଶୀ ଭୋକାଲ ଶିଖିଛି,ସର୍ମୀ ମ୍ୟାମ ଙ୍କ ଠୁ ଶିଖିଛି ଏବେ ମୁଁ କୃଷ୍ଣ ମହାରଣା ସାର ଙ୍କ ଠୁ କ୍ଲାସିକାଲ ଶିଖୁଛି।



**ପ୍ରଶ୍ନ: ସୋୟମ ଙ୍କ ଡାକ ନାମ କଣ ?**

ଉତ୍ତର : ମୋ ଡାକ ନା ଲିପୁ।

**ପ୍ରଶ୍ନ:ସ୍କୁଲ ରେ କେବେ ଆଣ୍ଠେଇ ଥିଲେ ?**

ଉତ୍ତର : ହଁ ଆଣ୍ଠେଇଛି ମାଡ ଖାଇଛି ସବୁ।

**ପ୍ରଶ୍ନ:କୋଉ କଥାକୁ ଡରନ୍ତି ସୋୟମ ?**

ଉତ୍ତର: ଘରେ ମିଛ କହିବାକୁ ଡରେ।

**ପ୍ରଶ୍ନ:ବାବୁସାନ ଙ୍କ ଗୀତ ରେ ଆପଣଙ୍କ ସ୍ୱର ବହୁତ ମାନେ ଲୋକେ କହନ୍ତି, ତ କଣ କହିବେ ସୋୟମ ?**

ଉତ୍ତର: ଲୋକ ଙ୍କ ପାଇଁ ତ ଆମେ ଗୀତ ଗାଉଛୁ ଆଉ ଭଲ ହିରୋ ଙ୍କ ନା ସହ ଯୋଡିଲେ ବହୁତ ଖୁସି ଲାଗେ।

**ପ୍ରଶ୍ନ: ସୋୟମ ଙ୍କ ରାଶି କଣ ?**

ଉତ୍ତର : ମୋ ରାଶି ସିଂହ।

**ପ୍ରଶ୍ନ:ଭାଗ୍ୟ ଉପରେ ବିଶ୍ୱାସ ରଖନ୍ତି ନା କର୍ମ ଉପରେ ?**

ଉତ୍ତର : ଦୁଇଟି ଯାକ ଉପରେ।

ପ୍ରଶ୍ନ: ଜୀବନ ରେ ସ୍ୱପ୍ନ କଣ ?

ଉତ୍ତର: ଅଲଗା ଅଲଗା ଭାଷା ରେ ଗୀତ ଗାଇବା ପାଇଁ ସ୍ୱପ୍ନ ଅଛି।

*ଉପସ୍ଥାପନା- ବୁବୁନ କୁମାର ପଣ୍ଡା*

## ମୁଁ ଆଧୁନିକ ମଣିଷ କହୁଛି

**ବିଜ୍ଞାନ ରଞ୍ଜନ ସାହୁ**

ସବୁଜିମା ପୃଥିବୀକୁ କଳୁଷିତକରି ଶୀତଳ ଘରେ ମୁଁ ଶୋଉଛି
ନଦୀରେ ଅଳିଆ ଆବର୍ଜ୍ଜନା ଫିଙ୍ଗି ,ଏକ୍ୱାଗାର୍ଡ ପାଣି ପିଉଛି
ଦୁନିଆରେ ମୋ ଛଡା ଅନେକ ଜୀବଜନ୍ତୁ ଅଛନ୍ତି ,
ତାଙ୍କ କଥା କି ମୁଁ ଆଉ ଭାବୁଛି , ମୁଁ ଆଧୁନିକ ମଣିଷ କହୁଛି ।
ନିର୍ଜୀବ ମୋବାଇଲ ରାଇଜେ ଏକ ନୂତନ ଘର ମୁଁ କରିଛି
ଟୁଙ୍ଗି ଭାଗବତ ଓ ପୁରାଣ ପାଠକୁ କିଏ ବା ଆଉ ପଢୁଛି
ମୋବାଇଲ ଡାଟାକୁ ସାରିବା ପାଇଁକି ସମୟକୁ ଶେଷ କରୁଛି
ନିଜର ଦୁଃଖକୁ ଷ୍ଟାଟସରେ ଦେଇ ହାଲୁକା ଅନୁଭବ କରୁଛି
ମୁଁ ଆଧୁନିକ ମଣିଷ କହୁଛି ।
ସ୍ୱାର୍ଥପରତାର ପରଦାରେ ଲୁଚି ନିଜକୁ ଦେଖିବା ଭୁଲିଛି
ହିଂସା ଆଉ ଇର୍ଷାରେ ଭରପୂର ମୋ ଆଖି ,ହେଲେ ମୁଁ ଆଇନା ପୋଚୁଛି
ଯୋଉ ମାଟି ମତେ ମଣିଷ କରିଛି ନିଇତି ତାକୁ ମୁଁ ଲୁଟୁଛି
ଆରେ ମାଟି କଥା ଛାଡ , ନିଜ ବାପା ମା ଙ୍କୁ କି ମୁଁ ଆଉ ପଚ଼ାରୁଛି
ମୁଁ ଆଧୁନିକ ମଣିଷ କହୁଚ଼ି ।
ସୁନ୍ଦର,ସୌନ୍ଦର୍ଯ୍ୟ ,କ୍ଷୀଣ ଆକର୍ଷଣ ପାଇଁ ମୁଁ କେତେ ଯେ ସଜେଇ ହେଉଛି
ରୁପେ ନୁହେଁ ସୁନ୍ଦରତା ଗୁଣରେ ଥାଏ ବୋଲି ଆଉ କି ମୁଁ ଭାବୁଛି
ଉଚ୍ଚ଼ ଅଟାଳିକା ଆଡୁଆଳରେ ସତ୍ୟତାକୁ ଲୁଚେଇ ବିଦେଶୀ ଆପଣେଉଛି
ସିଗାରେଟ୍ ମଦ ଆଉ ୪ ଅକ୍ଷରି ପଦ, ସବୁ ଆଡୁ ଖାଲି ସୁବୁଛି
ମୁଁ ଆଧୁନିକ ମଣିଷ କହୁଚ଼ି ।
ଭାଇ ଭଉଣୀ ଘର ପରିବାରର ବଦଳରେ, ସ୍ତ୍ରୀର ଖରଚ଼ ହାଲୁକା ଲାଗୁଛି
ସେଇଥି ପାଇଁ ତ ମୁଁ ଗାଁ ଠୁ ଦୂରରେ ରହୁଛି
ଯୋଉ ଗାଁ ମତେ ଚ଼ାଲି ସିଖେଇଲା ସେ ଗାଁ କୁ ମୁଁ କି ଆଉ ମାଡୁଛି
ଗାଁ ରେ ଜନ୍ମି ଗାଁ ରେ ବଢ଼ି , ସହରର ସେବା କରୁଛି
ମୁଁ ଆଧୁନିକ ମଣିଷ କହୁଛି
ହେ ପୃଥିବୀ ! ମୁଁ ଆଧୁନିକ ମଣିଷ କହୁଛି ।ମୁଁ ଆଧୁନିକ ମଣିଷ କହୁଛି !!!

*ଓୟୁଏଟି ଭୁବନେଶ୍ୱର-୯୫୫୬୨୫୯୯୧୯*

## ଭୋକ

ଦୁଇଦିନ ହେଲା କୁନିର ପେଟରେ ଦାନାଟିଏ ପଡ଼ି ନାହିଁ। ପେଟର ଭୋକ ଅସହ୍ୟ ହେଉଥାଏ। ନିଜ କଥା ଅପେକ୍ଷା ଚ଼ାରିବର୍ଷର ପୁଅର ଚ଼ିନ୍ତା ତାକୁ ବେଶି ଘାରୁଥାଏ। କେମିତି ତା'ର ପେଟର ଭୋକକୁ ବୁଝାଇବା ? ତାକୁ ବଞ୍ଚାଇବ କେମିତି ? କେତେ ଦିନ ଏମିତି ହାତ ପତାଇ ଏ ଛୁଆଟାର ପେଟକୁ ଦି ମୁଠା ଆହାର ଯୋଗାଡ଼ କରିବ ଛୁ କାମ ତ ବନ୍ଦ। ଛୁଆର ବାପା ପାଖରୁ ପଇସା ଆସିବା କେବେଠୁ ବନ୍ଦ ହେଲାଣି । ବର୍ଷ ? ହେଲାଣି ତା'ର ଖବର ନାହିଁ। ସବୁବାଟ ବନ୍ଦ। ଯାହାକୁ ହାତ ପତାଇଲେ ସେ କିଛି ଚ଼ାହୁଁଛି। ଇସାରା ସବୁ ସେ ବୁଝୁଛି । ଆଖିରୁ ଲୁହ ପୋଛି ସବୁ ସହିଯାଉଛି କିନ୍ତୁ ସାହାଯ୍ୟ କେଉଁଠୁ ପାଉନାହିଁ।

ଦିନେ ବସ୍ତି ମୁଖିଆ ପାଖକୁ ଯାଇ କୁନି ହାତ ପାତିଲା।

ମୁଖିଆ ତାକୁ ଆପାଦ ମସ୍ତକ ଚ଼ାହିଁଲା। ଶିକାରଟିଏଯେମିତି ଆପେ ଆପେ ଆସି ତା' ପାଖେ ଧରା ଦେଇଛି ଛୁ ଆପେ ଆପେ ଆସିଛି ଯଦି ସେ ବା ହାତଛଡା କରିବ କାହିଁକି ? ତା' ମନରେ ବି ଭୋକ ଅଛି ଛୁତାହା ଅସହ୍ୟ ହେଲାଛୁ ବାସ ଏତିକି ସବୁ କିଛି ସ୍ଥିର କରିଦେଲାଛୁ

– ଭରସା ଦେଇ ସେ କହିଲା, ତୋର କ'ଣ ଦରକାର ?

– କୁନି କହିଲା, ଟଙ୍କା ଦରକାର, ମୁଠେ ଆହାର ପାଇଁ ପେଟରେ ନିଆଁ ଜଳୁଛି। ପ୍ରବଳ ଭୋକ।



**ଡଃ. ଶଶୀ ଭୂଷଣ ମହାପାତ୍ର**

– ମୁଖିଆହସିଲାଛୁ କହିଲା, ଟଙ୍କା ନେବୁ ନେ, ଖାଦ୍ୟ ନେବୁ ତ ନେ, ମୋର କିନ୍ତୁ ମନରେ ନିଆଁ ଜଳୁଛି। ଅସମ୍ଭାଳ ଭୋକ।

ଭୋକର ଜ୍ୱାଳା ଦୁହିଁଙ୍କୁ ଜାଳୁଥିଲା। ଦୁହେଁ ଦୁହିଁଙ୍କୁ ଚ଼ାହିଁଲେ। ଦୁଇଜଣଙ୍କ ଭିତରେ ଗୋଟେ ଅଘୋଷିତ ବୁଝାବଣା ହୋଇଗଲା। ଭୋକର ଜ୍ୱାଳା ଲିଭିଗଲା। ଦୁହେଁ ଚୁପ୍ ହୋଇଗଲେ। ଜଣେ ନିରୁପାୟ ଆଉ ଜଣେ ମଦହୋସ୍।ଜଣେ ରୁଟି ମାଂସ ଖାଇ ପେଟର ଭୋକମେଣ୍ଟାଇ, କାନିରେ ପଇସା ଖୋସୁଥିଲା ଏବଂ ଆର ଜଣଙ୍କମଦମାଂସଖାଇ ଦେହର ଭୋକ ମେଣ୍ଟାଇ ଖୁସିର ଇସ୍ତାହାର ଦେଉଥିଲା। ଏ କଥା ଜାଣି ସମସ୍ତଙ୍କ ହୃଦୟ ଜଳୁଥିଲା। ରାସ୍ତାରେ ସରକାରଙ୍କର କୁଶପୁତ୍ତଳିକା ଜଳୁଥିଲା। ପାଖ ସତୀ ଚ଼ଉରା ମଶାଣିରେ ମୃତ ଶବ, ନିଆଁରେ ହୁତୁ ହୁତୁ ଜଳୁଥିଲା। ମଧ୍ୟାହ୍ନ ଆକାଶରେ ସୂର୍ଯ୍ୟ ନିଆଁ ପିଣ୍ଡପରି ଜଳୁଥିଲା। ଦାହିକା ଶକ୍ତିରେ ସବୁ ଜଳୁଥିଲା।

ପ୍ରାଧ୍ୟାପକ,
ବାଙ୍କୀ ସ୍ୱୟଂଶାସିତମହାବିଦ୍ୟାଳୟ

## 'ବର୍ଷା ଓ ମୁଁ'

ବର୍ଷା ଠକ୍ ଠକ୍ କରୁଥିଲା ମୋ ଝରକାକୁ। ମୁଁ ବି ଆରକ ଖୋଲି ଦେଲି। ଜାଣି ଥିଲି ତାକୁ ଅଟକାଇ ପାରିବିନି ତଥାପି ଖୋଲି ଦେଲି ଝରକାଟାକୁ ।ପଶିଆସିଲା ସେ ବିନ୍ଦୁ ବିନ୍ଦୁ କରି। ମଣିଷ ଗୁଡିକ ସବୁବେଳେ ଲୋଭି ତ,ଏଇ ସମୟଟାକୁ ହାତରୁ ଯିବାକୁ ଦେଇଥାନ୍ତି କିପରି ? ଚ଼ା' କପେ ଧରି ବସିଗଲି ବାଲକୋନୀରେ। ସଜା ହୋଇ ଥିବା ଫୁଲ, ଲତା,ଆଉ ବତୀର ଭ୍ରମ କରୁଥିବା କେତେ ଗୁଡ଼ିଏ ପ୍ଲାଷ୍ଟିକ୍ସ ଝାଲର ବର୍ଷା ତାଳରେ ତାଳ ମିଶାଇବାକୁ ଲାଗିଲେ। ଏଠି କହି ରଖୁଛି ଯେ କେବଳ ମୁଁ ହିଁ ବସିଥିଲି, କିନ୍ତୁ ବାକି ସହରଟା ତ ଧାଉଁ ଥିଲା। କେତେ ଗୁଡିଏ ବାଦଲ, ଦିନ ପଣଟାକୁ ଢାଙ୍କି ଦେଇ ସଂଧ୍ୟାର ଭ୍ରମ ଦେଉ ଥିଲେ ବି.... ସମସ୍ତେ ହାତରେ ତ ଘଡ଼ି ପିନ୍ଧି ଥିଲେ।

ବାଲକୋନୀରୁ ଟିକିଏ ଟିକିଏ କରି ଛୁଇଁ ଯାଉଥିଲା ବର୍ଷାଟା ମୋତେ। ହଠାତ୍ ସେ ତା ହାଫ୍ ପ୍ୟାଣ୍ଟଟାକୁ ଉପରକୁ ଟାଣି କହିଲା',ଚ଼ାଲ୍ ଭିଜିବା। ଗୋଟେ ଫୁଟବଲ ଟେ ନେଇ କି ଆସେ ନା.....ମଜା ଆସିବ।'

ମୁଁ କହିଲି',ହେ ! ଛାଡ ନା ଏସବୁ, ଏ ବୟସରେ.... ଏସବୁ ?'

ସେ କହିଲା,' ମନ କ'ଣ ବୟସ ଥାଏ ?'

ମୋ ଭିତରର ଅବୋଧ ବାଳକଟା ବାହାରକୁ ଦଉଡିବାକୁ.ଛ. ଭିଜିବାକୁ ବିକଳ ହେଉଥିଲା। ମୁଁ ମୋ ମନଟାକୁ ଧରିଥିଲି, ଛାଡୁ ନ ଥିଲି ।ସେ ଛଟପଟ ହେଉଥିଲା। ଛାଡି ଦେବି କି ! ପ ନାଁ ମ ଏଇଲେ ବୁଲା ଷଣ୍ଢ ପରି ଏପଟ ସେପଟ ହେବ। ହେଉ ସେ ବୁଲା ଷଣ୍ଢ ପରି , କ'ଣ ବିଗିଡି ଯିବ କି !

ନାଁ ମ ଲୋକ କ'ଣ ଭାବିବେ....ଏ ବୟସରେ...।

ବର୍ଷା ଆଉ ମୁଁ ପ ଆମ ଭିତରେ ବୟସର ପାଚେରିଟେ ଠିଆ ହୋଇ ସାରିଥିଲା। ବୋଧହୁଏ ମୋ ପିଲା ଦିନର ବର୍ଷାଟା ବଡ଼ ହେବାକୁ ମନା କରିଦେଇଥିଲା।

ବାଲକୋନୀର କାଚ଼ ଉପରେ ବର୍ଷାଟା ଠନ୍ ଠନ୍ ଶବ୍ଦ କରି ପଡୁଥିଲା...ବ ?ଧେ ଡାକୁଥିଲା ମୋତେ ପୂର୍ବ ପରି। ଇସ୍ କି ଜିଦ୍ ତାର।

'ତୁ ଯା ନା, ଆଉ କ'ଣ ଖେଳି ପାରିବି ତୋ ସହ।'

'କାହିଁକି ନୁହେଁ। ସେଇ ତୁ ଆଉ ସେଇ ମୁଁ'



**ପାରମିତା ଷଡ଼ଙ୍ଗୀ**

ମୁଁ କହିଲି' ସେତେବେଳେ ତୁ ଭଲ ଲାଗୁଥିଲୁ। ଆଜି କାଲି ତୋତେ ଦେଖିଲେ ମୋତେ ଡର ଲାଗୁଛି।'

ସେ କହିଲା,'ମିଛଟା ରେ ମୋତେ ବଦନାମ କରୁଛୁ'।

'ମାନେ'

' ତୁ ଡରକୁଳା ହୋଇଗଲୁଣି'।

ମୁଁ ଖାଲି ହସିଦେଇ,କହିଲି' ସତ କଥା'।

ସେ କହିଲା,'ଆସ ନା, ପୁଣି ପିଲା ହୋଇ ଯିବା'

'ନାହିଁ ତୋ ଦେହରେ କୀଟାଣୁ ଅଛନ୍ତି'

'ଆଛା, ଆଜି କୀଟାଣୁ ଦେଖାଗଲେଣି। ସେ ଦିନ ତ ପଚ୍ ଫଚ୍ କରି ଡେଉଁଥିଲୁ। କିଛି ଭାବୁ ନ ଥିଲୁ।'

'ମୋ ଲାପଟପଟି ଓଦା ହୋଇଯିବ ଯଦି !'

'ଆଗରୁ ତ କେତେ ଓଦା ହେଉଥିଲୁ, ଗୋଟେ ଦିନ ସ୍କୁଲ ଯିବୁନି ବୋଲି। ଆଜି କେତେ ନଖରା କରୁଛୁ । ଆସେନା ଭିଜିବା'

' ଆରେ ନାଇଁ ରେ ବାବା, କାଲି ଅଫିସ ବନ୍ଦ କଲେ ଗୋଟିଏ ଦିନର ସାଲାରି କଟି ଯିବ। ବୁଝୁନୁ କାହିଁକି ? ମୋ ପିଲା ଦିନର ବର୍ଷାଟା କେବେଠାରୁ ହଜି ଗଲାଣି।'

' ଏବେ ମୁଁ କ'ଣ କରିବି ?'

'ତୁ ବି ମୋ ସହ ବଡ଼ ହେଇ ଯା।'

'ନା... ନା ...ବଡ଼ ହେବା ନାଁରେ ମୁଁ ମୋ ମୂଲ୍ୟବାନ ଜିନିଷଟାକୁ ହରାଇବାକୁ ଚ଼ାହୁଁନି।'

'ତା ହେଲେ ?'

'ତା ହେଲେପ ଆଉ କ'ଣ ? ଚ଼ାଲିଲି ଆଉ ଗୋଟିଏ ପିଲା ଦିନ ଭିତରେ ବଞ୍ଚିବାକୁ'।

ବର୍ଷାଟା ମୋତେ ଛାଡ଼ିଦେଇ ଚ଼ାଲିଗଲା ଅନ୍ୟ କୋଉ କାଗଜ ଡଙ୍ଗା ଭିତରେ ସବୁଠାରୁ ମୂଲ୍ୟବାନ ଜିନିଷ ଖୋଜିବାକୁ। ମୁଁ ଠିଆ ହୋଇଥିଲି ମୋ ବାଲକୋନୀରେ ବହୁତ କିଛି ହରାଇବାର ଅବଶୋଷ ନେଇ।

ମୁମ୍ବାଇ
ମୋ୯୮୬୭୧୧୩୧୧୩

## ପରମ୍ପରା

ବିଜନ ରାୟ

ପ୍ରେମର ଫୁଲ ବେଳେବେଳେ
ଉଆସ ରେ କଢ ଧରେ
ଆଉ ଅରଣ୍ୟରେ ଫୁଟେ ।
ବଗିଚ଼ା ଲମ୍ବିଯାଏ
ରାଜ୍ୟରୁ ଜଙ୍ଗଲ ଯାଏ ।
ମାଳି କୁ ମନେଇବାକୁ ପଡେ ।

ସମ୍ପତ୍ତି ଓ ପ୍ରତିଷ୍ଠା କୁ ଛାଡି
ବନ୍ଧନ ବି ବନ୍ଧା ଯାଇପାରେ ।
କେବଳ ମହଲ ନୁହେଁ
ପତ୍ର କୁଡିଆକୁ ବି
ଘର କୁହା ଯାଇ ପାରେ ।
ଭୋକ ମେଣ୍ଟାଇବା ପାଇଁ
ଫଳ ଖାଇ ବି ଜିଇ ହୁଏ ।
ଦୁଃଖ ଦୈନ, ହତାଶା, ନିରାଶା
କ'ଣ ଦୂରେଇ ପାରେ ପ୍ରେମ କୁ।



ପ୍ରେମର ପରାକାଷ୍ଠା
ପ୍ରାଣର ପୂର୍ଣ୍ଣଛେଦକୁ
ଘୁଂଚେଇବାର କ୍ଷମତା ରଖେ ।
ମୃତ୍ୟୁ ଆସେ ଆଉ ଫେରେ ଖାଲି
ହାତରେ ।
ସମୟ କାହାଣୀ ଲେଖେ
ଆଉ ବଦଳିଯାଏ
ପରମ୍ପରାର ରୂପ ନେଇ ।

## ଚ଼କୋରୀ ଆଖିର ଭାଷା

ସ୍ମୃତିସରିତା



ପିୟାସୀ ଆତ୍ମାର ଉଦାସ ତନୁରେ
ଚ଼କୋରୀ ଆଖିର ଭାଷା
ଉପେକ୍ଷିତ ଆଜି ମଳିନ ଶୃଙ୍ଗାର
ବିଛୁଡି ପଡେ ନିରାଶା ।
ମୁକୁଳା କେଶରେ ରଜନୀଗନ୍ଧାର
ମଉଳା ଗଜରା ମାଳ
ମନ କନ୍ଦରରେ ବତାସୀ ବାଆ ଟା
ରଚ଼ଇ ବୈଶାଖୀ ଖେଳ ।
ନୟନ କଜ୍ୱଳ ଲୋତକେ ଭିଜଇ
ଓଠ ଯାଏ ଲହୁ ପିଇ
ଗୁମୁରି ଗୁମୁରି ରୋଦନେ ବିଳାପି
କାଳ ଗର୍ଭି ? ଯାଏ ଶୋଇ
ମନ ତଳ ଇଚ୍ଛା ଛାତିର କୋହରେ
ଅସ୍ତ ବ୍ୟସ୍ତ ହୋଇ ଲୋଟେ
ଆକାଶୀ ବାଦଲ ଲୁଚ଼କାଳି ଖେଳି
ତନୁ ଉପତ୍ୟକା ଘାଣ୍ଟେ
ଓଠ କଥା ଆଖି ବୁଝି ବି ଅବୁଝା
ଶୂନ୍ୟତକ୍ଷ ନିରବ ଧରି
ପିୟାଶୀ ମନର ଉତ୍ତାଳ ତରଙ୍ଗ
କୂଳ ଲଙ୍ଘି ଯାଏ ଫେରି
ଚ଼କୋରୀ ପିପାଷା ନୀର ରେ କି ଥାଏ
ମେଣ୍ଟେଇବା ପାଇଁ ତୃଷା
ଉଦାସୀ ଆଖିରେ ସପନ ର ଢ଼େଉ
ଟୋପାଏ ଖୁସିର ଆଶା

ନୂଆପଡା, କଟକ
ନୂଆବଜ଼ାର

## ମନୁଆ

**ଶ୍ୟାମ ସୁନ୍ଦର ବେହେରା**



ବଚିଂବାର ଲାଗି କେତେ
ଆନ୍ଦୋଳନ
ପିଠିରୁ ଲିଭିନି କ୍ଷତର ଦାଗ
ତଥାପି ମନୁଆ ଉଚ୍ଚ କଣ୍ଠେ କହେ
ସ୍ୱାର୍ଥେ ମାଟି ଦେହ ନ ହେଉ ଭାଗ ॥
ଆଜି ଅନ୍ଧଧୃତରାଷ୍ଟ୍ର ନାଁ ରେ
ଦୃର୍ଯୋଧନ ଶାସନ
ଔଦ୍ଧତ୍ୟ ଅନୀତି ସବୁ ସୀମା ଟପେ
ଶରବିଦ୍ଧ ଶଯ୍ୟାଶାୟୀ ଆଇନ କାନୁନ୍
ସ୍ୱାଧିନତା -ଗଣତନ୍ତ୍ର ବାହାବା ଗନ୍ତ୍ରେ ॥
ହାତପାତି କ'ଣ ପାଇଛି ?
ହାତି ଘୋଡ଼ା ପେଁ କାଳିର ପ୍ରତିଶୃତି
ଯୋଜନ ଯୋଜନ ଯୋଜନା
ଚନ୍ଦ୍ରରେ ଅଟ୍ଟାଳିକା ର ସ୍ୱପ୍ନ ॥
ମନୁଆ ଅନୁଭବ କରିଛି
ଇଶ୍ୱର ଏଠି ପରୀକ୍ଷା ଦିଅନ୍ତି
ନରାଧମ ରାକ୍ଷସ ସମକ୍ଷରେ
ଧର୍ମ ଦେବ ଧାରଣା ଦିଅନ୍ତି ॥
ଏ ସମାଜ କେତେ ଦିନ୍ ?
ଭାବି ଭାବି ବିଦ୍ରୋହୀ ମଣିଷଟା
ଜନ୍ମ କୁ ଧିକ୍ - ପାପ ବୋଲି କହି
ସବୁ ଦିନ ପାଇଁ ହାତ ଟେକି ଦେଲା
ତ୍ରିରଙ୍ଗା କୁ ଚାହିଁ ॥

ପାରାଦ୍ୱୀପ ଗଡ଼, କୁଜଙ୍ଗ
ଜଗତସିଂହପୁର
ମୋ-୯୯୩୮୩୪୮୭୬୧

## ଗୋଟେ ଅଧା ଗଢ଼ା କବିତା ମୋ' ଡାଏରୀରୁ

**ସୁଚେତା ନନ୍ଦ**



ତା' ଛାତିରେ କୁଳୁକୁଳୁ ଶବ୍ଦଟେ ଖଞ୍ଜିଲି
ପ୍ରଜାପତି ଡେଣା ହଳେ ଦେଲି
ସିନ୍ଦୂରିତ ଆକାଶଠୁ ମାଗିଆଣି
କିଛି ଲାଲିମା ତା' ଦେହେ ମାଖିଲି।

ହାତର ଉଷୁମ ପରଶ ଦେଲି,ନିଦ୍ରାହୀନ ରାତି ଦେଲି
ଅଧା ଗଢ଼ା, ଅଧା ଯୋଡ଼ା ମନ ଗୋଟେ ଦେଲି।
ତଥାପି ଅପୂର୍ଣ୍ଣା ଦିଶିଲା ସେ।
କହିଲା,'କିଛି ପୁଣ୍ୟ ଦିଅ,ପ୍ରେମ ଦିଅ,
ପ୍ରାର୍ଥନା ଦିଅ ।'ସେସବୁ ବି ଦେଲି।

ବିଶ୍ୱାସର ବାଲିଘରେ ପେନ୍ଥା ପେନ୍ଥା ଶବ୍ଦ ସଜେଇଲି
ଭାବର ପୁଟି ମଡେଇଲି
ଗୀତରୁ ସୁରଟିଏ ଦେଲି
ସଂଜୀବନୀ ମନ୍ତ୍ର ଗାଇ ଜୀବନ୍ନ୍ୟାସ ଦେଲି।

ଉଜ୍ୱଳ ଅନ୍ଧାରେ ଅନଭ୍ୟସ୍ତ ହାତରେ
ତାକୁ ଟିକେ ଛୁଇଁ ଦେଲି।
ଶ୍ରାବଣିତ ମନରୁ ଟୋପେ ଟୋପେ
ବର୍ଷା ବିନ୍ଦୁ ଦେଇ ତା' ଦେହ ଗଢ଼ି ଦେଲି

ତଥାପି ସେ ଖାଲି ଖାଲି ଲାଗେ
ହାତପାତି ଆଉ କିଛି ମାଗେ...।

ତ୍ରିଶୁଳିଆ, କଟକ

## ଛାଇ

**ହୀରକ ମିଶ୍ର**



ବର୍ଷ ବର୍ଷ ଧରି କ୍ରୀତଦାସଟିଏ ପରି
ମଥାନତ ହୋଇ
ପୃଥିବୀସାରା ଯାଆସ କରୁଛି ସୂର୍ଯ୍ୟ !
ଆକାଶ ର ଅସୀମତାରେ ଥାଇ ସୁଦ୍ଧା
ଆତତାୟୀମାନଙ୍କ ଆକ୍ରୋଶର ଅକ୍ତିଆରରେ
ସେ ବି ପଣବନ୍ଦୀ ଆଜି
କେଉଁ ଏକ ଗୋଲାର୍ଦ୍ଧରେ !
ତା' ଆଲୋକ ତ
କେବଳ ବିଚ୍ଛୁରିତ ଅନ୍ତର୍ଜ୍ୱାଳା !
ଗୋଲାମିର ବୁଜୁଳାକୁ ପିଠିରେ ବୋହି
ଗଧମାନେ
ଚ଼ାରଣଭୂମି ସନ୍ଧାନ ରେ ଧାଡ଼ି ବାନ୍ଧି
ଆଫ୍ ଗାନ ମାଟିରୁ
ଦୂର ଦୂରାନ୍ତକୁ ଯେତେବେଳେ ବାହାରି ଯାଆନ୍ତି
ନାଁ ଧରନ୍ତିନି ଫେରିଆସିବା କୁ ପୁଣି ଥରେ
ସେଇ ତଥାକଥିତ ନର୍କ କୁ !

ଗାନ୍ଧାର ର ନିଷ୍କର ଭୂଇଁରେ
ସବୁ ସ୍ୱପ୍ନ ନିଷ୍ଫଳ ହେଲାପରେ
ନିଷ୍ଠୁରପଣ ଅବା ବର୍ବରତା ଛଡା
ତୁମେ ଦେଇପାରିବ ଆଉ କେଉଁ ଉପହାର ?
ଜେହାଦିର ଚ଼ାଦର ତଳେ
ଆଜାଦିର କେଉଁ ସ୍ୱପ୍ନ ଦେଖେଇବ
ଦେଖ , ଶିଶୁର ଶିଥିଳ ଆଖିରେ
କେମିତି ଦିଶୁଛି କାଳିମାର ଚ଼ିହ୍ନ !
ସତରେ କ'ଣ ନାରୀ ର ରୁକ୍ଷ ଅଭିଶାପ ରେ
ଆଉ ଗୋଟେ ଯଦୁବଂଶ ଆଖି ସାମ୍ନାରେ ଏମିତି ଜଳିପାରେ..!

ହେ କୃଷ୍ଣ ! ଧର୍ମ ର ଢାଲ ତଳେ
କିଏ କ'ଣ ପୃଥିବୀ କୁ ଏମିତି ବାଣ୍ଟିପାରେ !
ଅବା ଅଧର୍ମ ର ବିନାଶ ପାଇଁ
ଏ କେଉଁ ଅଭିନବ ଶୈଳୀ ତୁମ ନିରସ୍ତ୍ରପଣର
ଯେବେ ଆଫଗାନ ଶିଶୁଟିଏ
କରୁଣ ଆଖିରେ
ବାରମ୍ବାର ଆକାଶକୁ ଚ଼ାହୁଁ ଥାଏ !
ପାରିବ ଦେଇ ତୁମେ ତାକୁ ସନ୍ତୋଷ ଉତ୍ତର ?
ଆଜି ବି କୃଷ୍ଣ ପକ୍ଷ ! ଅଷ୍ଟମୀ ର ତିଥି
ଆକାଶ ରେ ସାତମେଘ ଗରଜୁଛି !
ନିଅ ତ ଆଉ ଥରେ
ତୁମ ମାନବୀୟ ଅବତାର !

ନାରୀର ଦେହକୁ ବନ୍ଧୁକ ମୁନରେ ତାଡ଼ି
ସେମାନେ ଖୋଜୁଛନ୍ତି ପୃଥିବୀର ମାନଚ଼ିତ୍ର !
ଲୁଟୁଛନ୍ତି ଦେହରୁ ଯୌବନ ର ସୁନାଖଣି !
ପାଦରୁ ପାଉଁଜି ଖୋଲି
ଟାଣିଦେଲେଣି ସେମାନେ ନିଷିଦ୍ଧତାର କେତେ ଗାର

ଦେଖ ତ ! ଯୁବକ ର ପକେଟରେ କଲମ ନାହିଁ !
ହାତରେ ଗୋଲାପ ନାହିଁ !
ଆଖିରେ ସ୍ୱପ୍ନ ନାହିଁ !
ମନରେ ଦୟା ନାହିଁ !
ହଁ , ଛାତିତଳେ ମୋର ଥରୁଛି କଳିଜା ଟିକକ
ଯେବେ ଶୁଣିଦିଏ
ପଡୋଶୀ ର ସୀମାରେ ପୁଣି ବୋମା ର ଆତଙ୍କ !
ସକାଳକୁ ପାଲଟି ଯାଏ ଅନ୍ତର୍ଜାତୀୟ ଶିରୋନାମା
ଗତକାଲି ଦିବାଲୋକେ ,
ଶହଶହ ଆଫଗାନ ଯୁବତୀ ଙ୍କ
ହୋଇଯାଇଛି ଗଣବଳାତ୍କାର !

ହେ ମହାମହିମଗଣ !
ତୁମେ ଆଉ ପଢାଅନି !
ଚ଼ଳିତ ଶତାବ୍ଦୀ ର ଶିଶୁମାନଙ୍କୁ
କେଉଁ ଦେଶର ବନ୍ଧୁକରେ କି କି ଗୁଳି ବ୍ୟବହାର ହୁଏ
ଦେଖୁଥିବ ନିଶ୍ଚ ? ! ଏତେ ସବୁ ପରେ ବି ...
ପରସ୍ତ ପରସ୍ତ ଯନ୍ତ୍ରଣା ର ଚ଼ାଦର ତଳେ
ନାରୀ ବି ଋତୁସ୍ରାବୀ ହୁଏ
ନିଜ ଗର୍ଭାଶୟ ରେ
ସହସ୍ର ପୃଥିବୀର ସ୍ୱପ୍ନ ଗଢେ
ତୁମେ କଣ ରୋକିପାରିଛ
ନାରୀକୁ ଋତୁମତି ହେବାରୁ
ଅବା ଋତୁ ମାନଙ୍କୁ ଋତୁଚ଼କ୍ର ରୁ ବିରତି ଯିବାରୁ

ଆଫଗାନ ମାଟିରେ ଯନ୍ତ୍ରଣା ର ଗରଳ ପିଇ
ଉନ୍ମତ ହେଉଥାଏ କବି !
ଦେଖୁଥାଏ ନିଇତି
ଥୁଣ୍ଟା ବୃକ୍ଷର ଶାଖାମାନଙ୍କରେ
କେମିତି ଫୁଟିପାରିବ ଫୁଲ , ଫଳ
ମରୁଭୂମିରେ ପ୍ରବାହିତ ହେବ ଅସରନ୍ତି ଜଳ !
ଅଙ୍ଗାର ଭିତରେ ଜୀବନ କୁ ଖୋଜି ପାଇବା
ତା ନିତିଦିନିଆ
ଦେହସୁଆ ଆବିଷ୍କାର !
ଶୀତୁଆ ସକାଳେ
ଯେବେ ଶିଶୁମାନଙ୍କ ଖୋଲାଦେହେ
ସୂର୍ଯ୍ୟଙ୍କ ପ୍ରଥମ କିରଣ ପଡେ
ଅବା ବାରୁଦର ଗନ୍ଧ ବୋଳିହୋଇ
ବଗିଚ଼ାରେ ଗୋଲାପ ର କଢ଼ ବଢେ

ଫୁଲକୁ ଦେଖିବାକୁ ,ପ୍ରଜାପତି ଧରିବାକୁ
କୋଷ ଭିତରେ ଉଷ୍ଣତା ର ତରଙ୍ଗ ତୋଳିବାକୁ
ଲୋଡା ତ କେବଳ ମନଟିଏ
ଧୀରେ ଧୀରେ ଏକଜୁଟ ହୋଇ
ବିଦ୍ରୋହର ସ୍ୱର ତେଜେ
କାବୁଲ ମାଟିରେ କ୍ଷତାକ୍ତ ହୋଇଉଠିଛି ମାନବବାଦ
ଶାନ୍ତିର ମଲମ ଲୋଡା ,
ଆସ ହେ ନବ ଯୁବକଗଣ
ପୃଥିବୀର ପରିଧି ଡେଇଁ
ହାତରେ ହତିଆର ନୁହେଁ ,ଗୋଲାପ ଲୋଡା !
ମହାକାଳର ଆଁ ...
ଏମିତି ରେ ବି ପଡିଛି ମୁକୁଳା
ଗୋଟାଏ ସଭ୍ୟତା କୁ ଅନାୟାସେ
ଦିଅନି ନିଶ୍ଚିହ୍ନ ହେବାକୁ
ଲୋଡାପଡୁଛି କେବଳ ଟିକେ
ତୁମ ସୌହାର୍ଦ୍ଦ୍ୟପୂର୍ଣ୍ଣ ଉପଚ଼ାର !




# ରାଜ୍ୟରେ ହ୍ରାସ ପାଉଛି ମଶାବାହିତ ରୋଗ

ଭୁବନେଶ୍ୱର (ପିଏନ୍): ବିଶ୍ୱବାସୀଙ୍କୁ ବିଭିନ୍ନ ରୋଗରୁ ମୁକ୍ତ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନେକ ପଦକ୍ଷେପ ଗ୍ରହଣ କରୁଛି। ବିଭିନ୍ନ ସମୟରେ ଗୋଟିଏ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିବସକୁ ବିଶ୍ୱ ସ୍ତରରେ ପାଳନ କରାଯିବା ସହ ଭୟାବହତା ଏବଂ ରୋଗର ସଚେତନତାକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଉଛି। ପ୍ରତିବର୍ଷ ଏପ୍ରିଲ ୨୫ରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି। ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱକୁ ମ୍ୟାଲେରିଆ ମୁକ୍ତ କରିବା ହେଉଛି ଏହାର ଉଦ୍ଦେଶ୍ୟ। ୧୦୬ଟି ଦେଶରେ ସମୁଦାୟ ୩୩୦ କୋଟି ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ଅଛନ୍ତି ବୋଲି ଅନୁଧ୍ୟାନରୁ ଜଣାପଡ଼ିଛି। ୨୦୧୨ ମସିହାରେ ମ୍ୟାଲେରିଆରେ ପୀଡ଼ିତ ହୋଇ ୬ଲକ୍ଷ ୨୭ ହଜାର ଲୋକଙ୍କର ମୃତ୍ୟୁ ହୋଇଥିବା କଥା ଏକ ଆକଳନରୁ ଜଣାଯାଏ। ଏମାନଙ୍କ ମଧ୍ୟରୁ ଆଫ୍ରିକୀୟ ଶିଶୁଙ୍କ ସଂଖ୍ୟା ସର୍ବାଧିକ। ପ୍ରଥମେ ଆଫ୍ରିକା ମହାଦେଶର ବିଭିନ୍ନ ଅଞ୍ଚଳରେ ଆଫ୍ରିକା ମ୍ୟାଲେରିଆ ଦିବସ ପାଳନ କରାଯାଉଥିଲା। ପରେ ପରେ ଏହି ଦିବସର ଗୁରୁତ୍ୱ ଓ ସଚେତନତା ବାର୍ତ୍ତା ବିଶ୍ୱର ଅନ୍ୟାନ୍ୟ ଦେଶକୁ ବ୍ୟାପିଗଲା। ବିଶ୍ୱ ସଂଗଠନ ଦ୍ୱାରା ପାଳିତ ହେଉଥିବା ସ୍ୱାସ୍ଥ୍ୟ ଦିବସଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ। ୨୦୦୭ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ବୈଠକରେ ଏପ୍ରିଲ ୨୫କୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ଘୋଷଣା କରାଯାଇଥିଲା। ମ୍ୟାଲେରିଆକୁ ଜାଣି ଏହାର ପ୍ରତିକାର ବିଷୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହା ଆରମ୍ଭ କରାଯାଇଥିଲା। ଆଫ୍ରିକା ମ୍ୟାଲେରିଆ ଦିବସ ୨୦୦୧ ମସିହା ଏପ୍ରିଲ ୨୫ରେ ପାଳିତ ହୋଇଥିଲା। ଏଥିରେ ଆଫ୍ରିକାର ୪୪ଟି ମ୍ୟାଲେରିଆ ଆକ୍ରାନ୍ତ ରାଷ୍ଟ୍ର ସାମିଲ ହୋଇଥିଲା। ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ମ୍ୟାଲେରିଆର ମୂଳୋତ୍ପାଟନ ପାଇଁ ବିଭିନ୍ନ ସଚେତନତା ବାର୍ତ୍ତା, ପଦକ୍ଷେପମାନ ଗ୍ରହଣ କରାଯାଇଥାଏ। ୨୦୧୪ରେ ୟୁରୋପରେ ଏହାର ନିରାକରଣ ପାଇଁ ୧୬ଟି କାର୍ଯ୍ୟପନ୍ଥା ହାତକୁ ନିଆଯାଇଥିଲା। ଯାହାକି ଆଫ୍ରିକା, ଆମେରିକା ଏବଂ ୟୁରୋପର ବିଭିନ୍ନ ସାମାଜିକ ସଂଗଠନ ଦ୍ୱାରା ପ୍ରଶଂସିତ ହୋଇପାରିଥିଲା। ନାଇଜେରିଆର ସ୍ୱାସ୍ଥ୍ୟମନ୍ତ୍ରୀ ୨୦୧୬ରେ ମ୍ୟାଲେରିଆକୁ ସମ୍ପୂର୍ଣ୍ଣ ଶେଷ କରିବା ପାଇଁ ଶପଥ ନେଇଥିଲେ। ଠିକ୍ ସେହିପରି ୨୦୦୭ ଏପ୍ରିଲ ୨୫କୁ ଆମେରିକାର ରାଷ୍ଟ୍ରପତି ମ୍ୟାଲେରିଆ ସଚେତନତା ଦିବସ ଭାବେ ପାଳନ କରିଥିଲେ। ରାଜ୍ୟରେ ଚିକୁନଗୁନିଆ ରୋଗ ଲୋପ ପାଇଛି। ଗତବର୍ଷ ଗୁଡ଼ିକ ତୁଳନାରେ ୨୦୧୭ରେ ରାଜ୍ୟରେ ଜଣେ ହେଲେ ବି ରୋଗରେ ଆକ୍ରାନ୍ତ ହୋଇ ନଥିବା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ତାର ୨୦୧୭-୧୮ ବାର୍ଷିକ କାର୍ଯ୍ୟ ବିବରଣୀ ରିପୋର୍ଟରେ ପ୍ରକାଶ କରିଛି। ଅନ୍ୟପଟେ ରାଜ୍ୟରେ ମଶା କାମୁଡ଼ାରୁ ବ୍ୟାପୁଥିବା ରୋଗ କମିଛି। ମ୍ୟାଲେରିଆ ଓ ଡେଙ୍ଗୁରୋଗରେ ମୃତ୍ୟୁ ଛାଡ଼ି ଦେଲେ ମଶା ଦ୍ୱାରା ବ୍ୟାପୁଥିବା ଅନ୍ୟ ରୋଗରେ ରାଜ୍ୟରୁ ଜଣେ ହେଲେ ବି ରୋଗୀର ମୃତ୍ୟୁ ହୋଇନାହିଁ ବୋଲି ନିର୍ଦ୍ଦେଶାଳୟ ରିପୋର୍ଟରେ ପ୍ରକାଶ କରିଛି। ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ୬ରୋଗ ରହିଛି। ଏହି ରୋଗ ମଶା କାମୁଡ଼ିବା ଦ୍ୱାରା ବ୍ୟାପିଥାଏ। ରୋଗ ଗୁଡ଼ିକ ହେଲା, ମ୍ୟାଲେରିଆ, ଫାଇଲେରିଆ, ଡେଙ୍ଗୁ, ଚିକୁନଗୁନିଆ, ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଏବଂ କଳା ଜ୍ୱର। ରାଜ୍ୟରେ କଳା ଜ୍ୱର ବ୍ୟତୀତ ଅନ୍ୟ ପାଞ୍ଚ ରୋଗର ପ୍ରାଦୁର୍ଭାବ ଦେଖାଯାଇଥାଏ। ଏହି ରୋଗଗୁଡ଼ିକର ପ୍ରତିରୋଧ, ନିୟନ୍ତ୍ରଣ ପାଇଁ ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟ କରୁଛି। ମ୍ୟାଲେରିଆ ରାଜ୍ୟର ଏକ ମୁଖ୍ୟ ଜନସ୍ୱାସ୍ଥ୍ୟ ସମସ୍ୟା। ରାଜ୍ୟରେ ମ୍ୟାଲେରିଆ ୮୫% କମିଥିବା କୁହାଯାଉଥିଲେ ମଧ୍ୟ ୨୦୧୨-୨୦୧୩ ତୁଳନାରେ ରୋଗୀ ସଂଖ୍ୟା ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟକୁ ଦେଖିଲେ ଏହା ଅନୁମାନ କରାଯାଇପାରୁଛି। ଚିକନଗୁନିଆ ରୋଗୀଙ୍କ ସଂଖ୍ୟା ୨୦୧୨ରେ ୧୨୯ ଥିବାବେଳେ ୨୦୧୩ରେ ୩୫, ୨୦୧୪ରେ ୧୦ ଓ ୨୦୧୫ରେ ୪୬, ୨୦୧୬ରେ ୧୫ ଓ ୨୦୧୭ରେ ଜଣେ ହେଲେ ରୋଗରେ ଆକ୍ରାନ୍ତ ହୋଇନାହାନ୍ତି। ଜାପାନିଜ୍ ଏନ୍‌ସେଫାଲାଇଟିସ ୨୦୧୭ରେ ରୋଗୀ ୭୯ ଥିବାବେଳେ ଜଣେ ହେଲେ ମୃତ୍ୟୁବରଣ କରିନଥିଲେ। ୨୦୧୬ରେ ୨୪୨ ରୋଗାକ୍ରାନ୍ତ ହୋଇଥିବା ବେଳେ ୩୯ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୧୫ରେ ରୋଗୀ ୩୨ ମୃତ୍ୟୁ ୨। ୨୦୧୩ରେ ରୋଗୀ ୧। ୨୦୧୧ରେ ରୋଗୀ ୧୫ ମୃତ୍ୟୁ ୧। ଅନ୍ୟପଟେ ମାଇକ୍ରୋଫାଇଲେରିଆର ଅନୁପାତ ରାଜ୍ୟରେ କମି ଚାଲିଛି। ୨୦୧୭ରେ .୧୪% ଥିବାବେଳେ ୨୦୧୬ରେ .୭୧%, ୨୦୧୫ରେ .୬୮%, ୨୦୧୪ରେ .୮୨%, ୨୦୧୩ରେ .୩୪% ଓ ୨୦୧୨ରେ .୪୩% ଥିଲା ବୋଲି ବିବରଣୀରେ ପ୍ରକାଶ ପାଇଛି। ସେହିପରି ୨୦୧୨ ମସିହାରେ ୨୬୨୮୪୨ ରୋଗୀଙ୍କ ମଧ୍ୟରୁ ୭୯ରୋଗୀଙ୍କ ମୃତ୍ୟୁ ହୋଇଥିଲା। ୨୦୧୩ ମସିହାରେ ୨୨୮୮୫୮ ରୋଗୀଙ୍କ ମଧ୍ୟରୁ ୬୭ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୧୪ ମସିହାରେ ୩୯୫୦୦୪ ରୋଗୀଙ୍କ ମଧ୍ୟରୁ ୮୯ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୫ ମସିହାରେ ୪୩୬୭୯୨ ରୋଗୀଙ୍କ ମଧ୍ୟରୁ ୮୦ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୬ରେ ୪୪୯୬୯୭ ଜଣଙ୍କ ରୋଗୀଙ୍କ ମଧ୍ୟରୁ ୭୭ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୭ ମସିହାରେ ୩୫୨୧୪୦ ରୋଗୀଙ୍କ ମଧ୍ୟରୁ ୨୪ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇ ମୃତ୍ୟୁ ହୋଇଥିବା ସଂଖ୍ୟା ୨୦୧୨ ମସିହାରେ ୨୨୫୫ ଡେଙ୍ଗୁ ରୋଗୀଙ୍କ ମଧ୍ୟରୁ ୬ ଜଣ ରୋଗୀ ମୃତ୍ୟୁ ବରଣ କରିଥିବାବେଳେ ୨୦୧୩ ମସିହାରେ ୭୧୩୨ ଜଣ ରୋଗୀଙ୍କ ମଧ୍ୟରୁ ୬ ଜଣ ରୋଗୀ ମୃତ୍ୟୁ ହୋଇଥିଲେ। ୨୦୧୪ ମସିହାରେ ୬୪୩୩ ଜଣ ରୋଗୀଙ୍କ ମଧ୍ୟରୁ ୯ଜଣ ମୃତ୍ୟୁ ହୋଇଥିଲା। ୨୦୧୫ ମସିହାରେ ୨୪୪୭ଜଣ ରୋଗୀଙ୍କ ମଧ୍ୟରୁ ୨ଜଣଙ୍କର ମୃତ୍ୟୁ ହୋଇଥିଲା। ସେହିପରି ୨୦୧୬ ମସିହାରେ ୮୩୮୦ ରୋଗୀ ମଧ୍ୟରୁ ୧୧ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୧୭ ମସିହାରେ ୪୧୪୮ ରୋଗୀଙ୍କ ମଧ୍ୟରୁ ୬ଜଣଙ୍କର ମୃତ୍ୟୁ ହୋଇଥିଲା। ମ୍ୟାଲେରିଆ ହେଉଛି ଏକ ସଂକ୍ରାମକ ରୋଗ। ମାଇ ଏନୋଫେଲିସ୍ ମଶା ଦ୍ୱାରା ଏହି ରୋଗ ବ୍ୟାପିଥାଏ। ଏହାର ବାହକ ହେଉଛି ରକ୍ତ। ରକ୍ତ ଦ୍ୱାରା ଏହା ଜଣେ ବ୍ୟକ୍ତି ଠାରୁ ଅନ୍ୟ ବ୍ୟକ୍ତି ଶରୀରରେ ପ୍ରବେଶ କରିଥାଏ। ଏହି ମଶା କାମୁଡ଼ିବା ଦ୍ୱାରା ମ୍ୟାଲେରିଆ ରୋଗର ଲକ୍ଷଣମାନ ଦେଖାଦିଏ। ରାତି ୯ଟାରୁ ସକାଳ ୫ଟା ଭିତରେ ସାଧାରଣତଃ ଏହି ମଶା କାମୁଡ଼ିଥାଏ। ମଶାର ଲାଳ ବ୍ୟକ୍ତି ରକ୍ତ ସଂସ୍ପର୍ଶରେ ଆସି ମ୍ୟାଲେରିଆ ରୋଗ ସୃଷ୍ଟି କରିଥାଏ। ଏଥିପାଇଁ କୌଣସି ଟୀକାକରଣର ବ୍ୟବସ୍ଥା ହୋଇପାରିନାହିଁ। ମ୍ୟାଲେରିଆରେ ଆକ୍ରାନ୍ତ ହେଲେ ବ୍ୟକ୍ତି ଦଶଦିନରୁ ଆରମ୍ଭ କରି ୪ ସପ୍ତାହ ପର୍ଯ୍ୟନ୍ତ ଅସୁସ୍ଥ ହୋଇପଡ଼େ। ମାତ୍ର ମଶା କାମୁଡ଼ିବାର ୭ ଦିନ ଭିତରେ ହିଁ ରୋଗୀ ନିଜକୁ ଅସୁସ୍ଥ ଅନୁଭବ କରିଥାଏ। ଜ୍ୱର, ମୁଣ୍ଡବିନ୍ଧା ଏବଂ ବାନ୍ତି ହେବା ଭଳି ଲକ୍ଷଣମାନ ଦେଖାଦେବା। ମ୍ୟାଲେରିଆରେ ବ୍ୟକ୍ତି ଆକ୍ରାନ୍ତ ହେଲେ ଆନିମିଆ ରୋଗ ହେବାର ଆଶଙ୍କା ଥାଏ। ଯାହାକି ପରବର୍ତ୍ତୀ ସମୟରେ ମସ୍ତିଷ୍କରେ ରକ୍ତଜମାଟ ବାନ୍ଧିଦିଏ। ସେରେବ୍ରଲ ମ୍ୟାଲେରିଆ ହେଲେ କୋମା, ଆଜୀବନ ଅକ୍ଷମ କିମ୍ବା ମୃତ୍ୟୁଭଳି ବିପତ୍ତିକୁ ଡାକିଆଣେ। ମ୍ୟାଲେରିଆରୁ ରୋଗୀକୁ ରକ୍ଷା କରିବା ପାଇଁ ପ୍ରଥମେ ପ୍ରାଥମିକ ଚିକିତ୍ସା ଓ ସେବା କରିବା ଗୁରୁତ୍ୱପୂର୍ଣ୍ଣ। ଶୋଇବା ସମୟରେ ମଶାରୀ ଟାଣି ଶୋଇବା ଆବଶ୍ୟକ। ଘର ଚାରିପାଖ ସଫାସୁତୁରା ରଖିବା ଦରକାର, ଯେପରି ମଶା ବଂଶ ବୃଦ୍ଧି ନହୋଇପାରେ। ମ୍ୟାଲେରିଆରେ ଆକ୍ରାନ୍ତ ଥିବା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ସହ ଦୂଷିତ ପରିବେଶ ଠାରୁ ଯଥେଷ୍ଟ ଦୂରତା ରଖନ୍ତୁ। ମ୍ୟାଲେରିଆର କୌଣସି ବି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହ ଯୋଗାଯୋଗ କରିବା ଉଚିତ।

## ସୁବାସିନୀ ଜେନାଙ୍କ ବନ୍ୟା ଅଞ୍ଚଳ ଗସ୍ତ

ବାଲେଶ୍ୱର (ପିଏନ୍)-ସୁବର୍ଣ୍ଣରେଖାରେ ଆସିଥିବା ବନ୍ୟା ହ୍ରାସ ପାଇଥିଲେ ମଧ୍ୟ ତଳମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ଅନେକ ଗ୍ରାମ ଏବେବି ପାଣି ଘେରରେ ରହିଛି। ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଲୋକଙ୍କ ପାଖରେ କିଛି ସରକାରୀ ସହାୟତା ପହଞ୍ଚି ନାହିଁ। ରାଜ୍ୟ ମହିଳା ବିଜେଡ଼ି କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା ବନ୍ୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ମଧୁପୁରା ପଞ୍ଚାୟତର ଚଢ଼ବସ୍ତ, କାଳରୂଇ ଓ ଚୌଧୁରୀପୁଦ ଗ୍ରାମ ପରିଦର୍ଶନ କରିଥିଲେ। ଲୋକଙ୍କର ଦୁର୍ଦ୍ଦଶା ସ୍ୱଚକ୍ଷୁରେ ଦେଖି ପ୍ରଶାସନ ସହିତ ଆଲୋଚନା କରି ସହାୟତାର ପ୍ରତିଶୃତି ଦେଇଥିଲେ। ଗ୍ରାମରେ ଥିବା ନଳକୂପଗୁଡ଼ିକ ପାଣିରେ ବୁଡ଼ି ରହିଥିବାରୁ ଲୋକମାନେ ଦୁଷିତ ପାଣି ପିଉଥିବା ଅଭିଯୋଗ କରିଛନ୍ତି। ଏ ବିଷୟରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହିତ ଆଲୋଚନା କରି ଲୋକଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶୃତି ଦେଇଥିଲେ।

## ବ୍ରାଉନ ସୁଗାର ବେପାରୀ ଗିରଫ, ବନ୍ଧୁକ ଜବତ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ସାର୍ଥା ଗ୍ରାମରୁ ଜଣେ ବ୍ରାଉନସୁଗାର ବେପାରୀକୁ ପୋଲିସ ଗିରଫ କରିବା ସହିତ ତା ନିକଟରୁ ଗୋଟିଏ ଚୋରା ବନ୍ଧୁକ ଜବତ କରିଛି। ସୂଚନା ଥାଉକି, ସାର୍ଥା ଗ୍ରାମର ବ୍ରାଉନସୁଗାର ବେପାରୀ ସୁନିଲ ଗୌଡ଼ ଗାଁ ଭିତରେ ପଶି ଲୋକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରୁଥିଲା। ସ୍ଥାନୀୟ ଲୋକେ ପହଞ୍ଚି ଯୁବକ ଜଣକୁ କାବୁ କରିଥିଲେ। ପୋଲିସକୁ ଖବର ଦେବା ପରେ ସାର୍ଥା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବ୍ରାଉନସୁଗାର ବେପାରୀକୁ ଗିରଫ କରିବା ସହିତ ତା ନିକଟରୁ ଗୋଟିଏ ଚୋରା ବନ୍ଧୁକ ଜବତ କରିଥିଲେ। ଅଭିଯୁକ୍ତ ଜଣକ ବ୍ରାଉନସୁଗାର ବେପାରରେ ଦୀର୍ଘଦିନ ଧରି ଲିପ୍ତ ଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ଆଜିର ଯୁବପୀଢ଼ି ଓ ବରିଷ୍ଠ ନାଗରିକ

ଭୁବନେଶ୍ୱର(ପିଏନ୍): ଭାରତବର୍ଷର ସ୍ୱପ୍ନ, ସମ୍ଭାବନା ଓ ଭବିଷ୍ୟତ ଦେଶର ଯୁବପିଢ଼ୀଙ୍କ ଉପରେ ନ୍ୟସ୍ତ। ତେବେ ନିକଟ ଭବିଷ୍ୟତରେ ଯୁବ ଶକ୍ତି ଆମ ଦେଶର ସବୁଠାରୁ ବଡ଼ ଶକ୍ତି, ସମ୍ବଳ ଓ ସଂପଦ ହେବାକୁ ଯାଉଛି। ଏ କଥା ବିଭିନ୍ନ ସର୍ବେକ୍ଷଣ ତଥା ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି। ଏବେ ଆମ ଦେଶରେ ୫୦ ପ୍ରତିଶତଙ୍କ ବୟସ ୨୫ ବର୍ଷ ତଳେ। ଦଶରୁ ଚବିଶ ବର୍ଷ ବୟସ ଗୋଷ୍ଠୀରେ ଏବେ ଅଛନ୍ତି ୩୬୫ ନିୟୁତ ଭାରତୀୟ ଯୁବକ ଯୁବତୀ। ଭାରତୀୟ ଜନ ସଂଖ୍ୟାର ୬୫ ପ୍ରତିଶତଙ୍କ ବୟସ ୩୫ ବର୍ଷ ତଳେ। ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୦ ମସିହା ଶେଷବେଳକୁ ଭାରତର ଯୁବକଯୁବତୀଙ୍କ ସଂଖ୍ୟା ପୃଥିବୀର ଯେକୌଣସି ଦେଶ ତୁଳନାରେ ସର୍ବାଧିକ ଥିଲା ଏବଂ ସେଇ ସମୟରେ ଭାରତୀୟମାନଙ୍କ ହାରାହାରି ବୟସ ହୋଇଥିଲା ୨୯। ଏହା ନିଶ୍ଚିତ ଭାବେ ଆଶା ଉଦ୍ରେକକାରୀ। କାରଣ ଯଦି ମାନବ ସମ୍ବଳର ଏକ ବୃହତ୍ ଭାଗ ଯୁବଗୋଷ୍ଠୀ ହେବେ, ତେବେ ସେ ଦେଶର ପ୍ରଗତିର ସେ ଦେଶର ପ୍ରଗତିର ବେଗ ଦ୍ରୁତ ହେବା ଅନିବାର୍ଯ୍ୟ। କିନ୍ତୁ ଏ ପରିପ୍ରେକ୍ଷୀରେ ଆଉ ଏକ ପରିସଂଖ୍ୟାନ ଏହା ବି ଜଣେଇ ଦେଉଛି ଯେ ଭବିଷ୍ୟତର ଯୁବ ଉନ୍ମାଦନା ପରିଚାଳିତ ଭାରତରେ ଏକ ଅଦୃଶ୍ୟ କ୍ଷତ ଭାରତୀୟ ସମାଜକୁ ଯନ୍ତ୍ରଣା ଜର୍ଜରିତ କରୁଥିବ, କିନ୍ତୁ ଅଦୃଶ୍ୟ ହୋଇଥିବା ହେତୁ ତାହା ବାହାରକୁ ଜଣାପଡୁ ନଥିବ। ସେ କ୍ଷତଟି ହେଲା ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନଙ୍କ ଦୟନୀୟସ୍ଥିତି। ବିଭିନ୍ନ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୬୦ ବର୍ଷ ବୟସରୁ ଅଧିକ ବୟସ ବର୍ଗର ଭାରତୀୟଙ୍କ ସଂଖ୍ୟା ଏବେ ୧୦୪ ନିୟୁତ। କିନ୍ତୁ ଉଦ୍‌ବେଗର କଥା ହେଲା ୨୦୦୬ରୁ ୨୦୫୦ ଭିତର ଅବଧିରେ ଭାରତୀୟ ଜନସଂଖ୍ୟାରେ ୪୦ ପ୍ରତିଶତ ବୃଦ୍ଧି ଦେଖାଦେବାର ସମ୍ଭାବନା ଥିବାବେଳେ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକମାନଙ୍କ ସଂଖ୍ୟାରେ କଳ୍ପନାନୀତ ଭାବେ ୨୭୦ ପ୍ରତିଶତ ବୃଦ୍ଧି ଘଟିଥିବ। ଜାତିସଂଘର ଜନସଂଖ୍ୟା ଡିଭିଜନ ସୂତ୍ରରୁ ପ୍ରକାଶ ଯେ ୨୦୫୦ ବେଳକୁ ଭାରତରେ ୮୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ହୋଇଥିବ ୪୮ ନିୟୁତ ଏବଂ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକଙ୍କ ସଂଖ୍ୟା ହୋଇଥିବ ୩୨୪ ନିୟୁତ। ଏଇ ବୟସ ବର୍ଗର ଲୋକଙ୍କ ଭିତରୁ ଅସଂଖ୍ୟ ବେଶ୍ ସମର୍ଥ ହୋଇଥିବା ସତ୍ତ୍ୱେ କାର୍ଯ୍ୟରୁ ଅବସର ନେବାକୁ ବାଧ୍ୟ ହୋଇଥିବେ ଏବଂ ନିଜ ନିଜ ଘର ଭିତରକୁ ଅପସରି ଯାଇଥିବେ। ବିଭିନ୍ନ କାର୍ଯ୍ୟ କରିବାକୁ ଯୋଗ୍ୟ ହୋଇଥିବା ସତ୍ତ୍ୱେ ସେମାନେ ସୀମାନ୍ତରିତ ହୋଇଯାଇ ଥିବେ। ଜଣାଯାଇଛି ଯେ ଏବେ ଅବସର ନେଉଥିବା ଲୋକଙ୍କ ଭିତରେ ୯୨ ପ୍ରତିଶତ ପେନ୍‌ସନ ପାଆନ୍ତି ନାହିଁ ଏବଂ ୯୦ ପ୍ରତିଶତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଭିତରେ ଅନ୍ତର୍ଭୁକ୍ତ ନୁହନ୍ତି। ପୃଥିବୀଟା ଯୁବକମାନଙ୍କର ବୋଲି କୁହାଯାଏ। କାରଣ ଯୁବକମାନେ ହିଁ ଏ ଜଗତର ନାନା କାରବାର ଚଳାନ୍ତି। କିନ୍ତୁ କ୍ରମେ ଯେଉଁ ବିଡ଼ମ୍ବିତ ସମୟଟି ଆସିବାକୁ ଯାଉଛି ସେଥିରେ ଦେଖାଯିବ ଯେ ବରିଷ୍ଠ ନାଗରିକମାନେ ଶିକ୍ଷାଦୀକ୍ଷାର ପ୍ରଭାବରୁ, ଖାଦ୍ୟପେୟ ତଥା ଉନ୍ନତ ଚିକିତ୍ସା ସେବାର ପ୍ରସାଦରୁ ଅଧିକ ସକ୍ରିୟ ତଥା ଯୁବକସୁଲଭ ହୋଇପାରିଥିଲେ ମଧ୍ୟ ସେମାନେ ନିଃସଙ୍ଗ ଏବଂ କର୍ମହୀନ ଜୀବନ ଜିଇବାକୁ ବାଧ୍ୟ ହେବେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆମ ସମୟର ବରିଷ୍ଠ ନାଗରିକଙ୍କ ଉନ୍ନତିକଳ୍ପେ ଅନେକ ଯୋଜନା ଓ ପ୍ରକଳ୍ପ ହାତକୁ ନେଇଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବରିଷ୍ଠ ନାଗରିକଙ୍କ ଧନଜୀବନ ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ଭାବେ କିଛି କେନ୍ଦ୍ରୀୟ ଯୋଜନା ହାତକୁ ନେଇଛନ୍ତି ଯାହାକି ପରିଣତ ବୟସରେ ପହଞ୍ଚିଥିବା ଜଣେ ଲୋକଟି ପାଇଁ ଆଶା ସଞ୍ଜିବନୀ ସଦୃଶ। ଓଡ଼ିଶା ସରକାର ଆଉ ପାଦେ ଆଗକୁ ଯାଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମସ୍ତ ସହାୟତା ନିମିତ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଶେଷକରି କଟକ-ଭୁବନେଶ୍ୱର ଦ୍ୱୈତ ନଗରୀରରେ ଏକାକୀ ରହୁଥିବା ବରିଷ୍ଠ ନାଗରିକମାନେ କିପରି ନିରାପଦରେ ଜୀବନ ନିର୍ବାହ କରିବେ ଓ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଗଲେ ଓଡ଼ିଶା ପୋଲିସର ନିୟୋଜିତ କିଛି ସ୍ୱତନ୍ତ୍ରକର୍ମୀ ମାନେ ସେମାନଙ୍କ ଦାୟିତ୍ୱ ସୁରକ୍ଷା ନେବା ପାଇଁ ଗୃହବିଭାଗ ଏ ନେଇ କାର୍ଯ୍ୟ ଆରମ୍ଭ କରିସାରିଲାଣି। କେବଳ ସେତିକି ନୁହେଁ ବ୍ୟାଙ୍କରୁ ଟଙ୍କା ଉଠାଇବା ହେଉ ବା ନିଜ ଦେହପା ଜନିତ ସମସ୍ୟା ଡାକ୍ତରଙ୍କୁ ଦେଖାଇବା ଏସବୁ କାମ ପାଇଁ ନିକଟଅତୀତରେ ଓଡ଼ିଶା ସରକାରଙ୍କର 'ପୋଲିସ ପୁଅ' ଶୀର୍ଷକ କାର୍ଯ୍ୟକ୍ରମ ହାତକୁ ନେଇ ସମାଜର ଏହି ବର୍ଷିୟାନ ନାଗରିକଙ୍କ ସେବା ପାଇଁ ସମର୍ପିତ ହୋଇପାରିଛି। ସମାଜରେ ଯୁବପିଢ଼ୀମାନେ ପରିଣତ ବୟସରେ ପହଞ୍ଚିଥିବା ଏହି ଅଭିଜ୍ଞସମ୍ପନ୍ନ ଓ ଗରିମାମୟ ବ୍ୟକ୍ତିତ୍ୱଙ୍କର ଅନୁଭୂତିକୁ ନିଜ ଜୀବନରେ କାର୍ଯ୍ୟକାରୀ କରିପାରିଲେ ଏକ ସାମାଜିକ ଆନ୍ଦୋଳନ ସୃଷ୍ଟି ହୋଇପାରିବ।

# ସେପ୍ଟେମ୍ବର ୨୭ ଭାରତ ବନ୍ଦକୁ ସଫଳ କରିବା ପାଇଁ ନିବେଦନ

ଭୁବନେଶ୍ୱର (ପିଏନ୍): ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଆହୁତ ଭାରତ ବନ୍ଦକୁ ଓଡିଶାରେ ସଫଳ କରିବା ପାଇଁ ନଅଟି ଗଣ ସଂଗଠନ ତରଫରୁ ଏକ ମିଳିତ ବିବୃତ୍ତିରେ ରାଜ୍ୟବାସୀଙ୍କୁ ନିବେଦନ କରାଯାଇଛି। ସି.ଆଇ.ଟି.ୟୁ.ର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଓଡିଶା କୃଷକ ସଭାର ରାଜ୍ୟ ସଭାପତି ଜମେଶ୍ୱର ସାମନ୍ତରାୟ, ସାଧାରଣ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଓଡିଶା କ୍ଷେତ ମଜଦୁର ୟୁନିୟନର ରାଜ୍ୟ ସଭାପତି ହରିଶ୍ଚନ୍ଦ୍ର ସିଂ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଭୋଇ, ଗଣତାନ୍ତ୍ରିକ ମହିଳା ସମିତିର ଜାତୀୟ ସମ୍ପାଦିକା ତାପସୀ ପ୍ରହରାଜ, ଡି.ୱାଇ.ଏଫ୍.ଆଇ.ର ରାଜ୍ୟ ସଭାପତି ସରୋଜ ନାୟକ, ସାଧାରଣ ସମ୍ପାଦକ ଯତୀନ୍ ମହାନ୍ତି, ଓଡିଶା ଆଦିବାସୀ ଅଧିକାର ମଞ୍ଚର ରାଜ୍ୟ ସଭାପତି ଦଣ୍ଡପାଣି ରଇତ, ଓଡିଶା ଦଳିତ ଶୋଷଣ ମୁକ୍ତି ମଞ୍ଚର ରାଜ୍ୟ ଆବହାକ ରାମଚନ୍ଦ୍ର ନାୟକ ଏବଂ ଓଡିଶା ବସ୍ତି ବାସିନ୍ଦା ମହାସଂଘର ଆବାହକ ସାଲ ମାର୍ଣ୍ଡି ପ୍ରମୁଖ ଏକ ମିଳିତ ବିବୃତ୍ତିରେ ଏହି ନିବେଦନ କରିଛନ୍ତି। ଏହି ସଂଗଠନମାନଙ୍କ ତରଫରୁ ରାଜ୍ୟବ୍ୟାପୀ ପ୍ରଚାରପତ୍ର ବଣ୍ଟନ, ସାଧାରଣ ବୈଠକ, ପଥପ୍ରାନ୍ତ ସଭା ଇତ୍ୟାଦି ଅଭିଯାନ ଜାରି ରହିଛି। ମୋଦି ସରକାରଙ୍କ ଖାଉଟି ଏବଂ କୃଷକ ବିରୋଧୀ ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ଆଇନ-୨୦୨୦ ରଦ୍ଦ କରିବା, ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଗୁଡିକ ସାଧାରଣ ଗଣବଣ୍ଟନ ବ୍ୟବସ୍ଥା (Public Districution System)ଜରିଆରେ ସୁଲଭ ମୂଲ୍ୟରେ ବଣ୍ଟନ ପାଇଁ ବ୍ୟବସ୍ଥା କରିବା, କୃଷକ ସର୍ବନାଶକାରୀ କୃଷିଜାତ ଦ୍ରବ୍ୟର ବାଣିଜ୍ୟ, ବ୍ୟବସାୟ ଏବଂ ବିତରଣକୁ ସରକାରୀ ନିୟନ୍ତ୍ରଣମୁକ୍ତ କରି ସମ୍ପୂର୍ଣ୍ଣ କର୍ପୋରେଟ୍‌କରଣ କରିବା ଆଇନ -୨୦୨୦ (ପ୍ରାଇଭେଟ୍ ମଣ୍ଡି ଆଇନ) ରଦ୍ଦ କରିବା ଏବଂ ସରକାରୀ ନିୟନ୍ତ୍ରିତ ମଣ୍ଡି ବ୍ୟବସ୍ଥାକୁ ସୁଦୃଢ଼ କରିବା, କୃଷକ-କୃଷି ବ୍ୟବସ୍ଥା ଧ୍ୱଂସକାରୀ କଣ୍ଟ୍ରାକ୍ଟ ଫାର୍ମିଂଗ/ଠିକା ଚାଷ/ଚୁକ୍ତିବଦ୍ଧ ଚାଷ ଆଇନ - ୨୦୨୦ ପ୍ରତ୍ୟାହାର କରିବା, ଭାଗଚାଷୀ ଚାଷୀର ମାନ୍ୟତା ପ୍ରଦାନ, ଚାଷୀଙ୍କୁ ମିଳୁଥିବା ସମସ୍ତ ସରକାରୀ ସୁବିଧା ଭାଗଚାଷୀଙ୍କୁ ମିଳିବା ଏବଂ ଭାଗଚାଷୀଙ୍କୁ ଅଧିକାର ଦେବା ପାଇଁ ଏକ ଆଇନ ପ୍ରଣୟନ କରିବା, ଏମ୍.ଏସ୍. ସ୍ୱାମୀନାଥନ ଜାତୀୟ କୃଷକ କମିଶନ-୨୦୦୬ର ସୁପାରିଶ ଅନୁଯାୟୀ ଫସଲ ଉତ୍ପାଦନ ପାଇଁ ହେଉଥିବା "ମୋଟ ଖର୍ଚ୍ଚ+୫୦%" ମୂଲ୍ୟକୁ ହିସାବ କରି ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍.ଏସ୍.ପି) ପ୍ରଦାନ ନିମନ୍ତେ ଆଇନ ପ୍ରଣୟନ କରିବା ଏବଂ ଓଡିଶାରେ ଧାନ ପାଇଁ କୁଇଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୩୦୦୦/- ଟଙ୍କା ଧାର୍ଯ୍ୟ କରିବା, ଶ୍ରମିକ ବିରୋଧୀ ଚାରୋଟି ଶ୍ରମ କୋଡ ରଦ୍ଦ କରାଯାଉ। ଶ୍ରମିକମାନଙ୍କର ଦାବୀ ଆଦାୟ ପାଇଁ ଉଦ୍ଦିଷ୍ଟ ସମସ୍ତ ଆଇନଗତ ଅଧିକାରଗୁଡିକୁ ସୁରକ୍ଷା କରିବା, ବ୍ୟାପକ ଶ୍ରମିକ ଛଟେଇ ବନ୍ଦ କରିବା, ଆଉଟ୍ ସୋର୍ସିଂ, ଠିକା, ଅସ୍ଥାୟୀ ଏବଂ ସ୍କିମ୍ ଶ୍ରମିକ-କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ଜନବିରୋଧୀ ଏବଂ କୃଷକ ବିରୋଧୀ ନୂତନ ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୦ ପ୍ରତ୍ୟାହାର କରିବା, ଇତ୍ୟାଦି ଦାବୀ ସହିତ ମହିଳା, ଯୁବ, ଛାତ୍ର ଆଦିବାସୀ, ଦଳିତ ଏବଂ ବସ୍ତି ବାସିନ୍ଦାଙ୍କ ଜୀବନ-ଜୀବିକାର ଅଧିକାର ପାଇଁ ଆହୁତ ଏହି ଭାରତ ବନ୍ଦ ଆନ୍ଦୋଳନକୁ ଏହି ସଂଗଠନ ଗୁଡିକ ସମର୍ଥନ ଘୋଷଣା କରିଛନ୍ତି।

## ମ୍ୟୁନିସିପାଲ ପ୍ରିମିୟର ଲିଗ ଆୱାର୍ଡ ପାଇଲେ କେନ୍ଦ୍ରାପଡା ପୌରନିର୍ବାହୀ ଅଧିକାରୀ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏମପିଏଲ- ୧-୦ ଓ ଏମପିଏଲ - ୨-୦କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କଠିନ ପରିଶ୍ରମ କରି ସଫଳତାର ସହ ରୂପାୟନ କରିଥିବାରୁ ରାଜ୍ୟର ପୌରନିଗମ ଗୁଡିକ ସମେତ ବିଭିନ୍ନ ପୌରସଂସ୍ଥାର ନିର୍ବାହୀ ଅଧିକାରୀମାନଙ୍କୁ ଚଳିତ ମାସ ୨୫ ତାରିଖ ଶନିବାର ପୂର୍ବାହ୍ନ ୧୦ଟା ସମୟରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନଭେନସନ ସେଣ୍ଟରରେ ମୁନସିପାଲ ପ୍ରିମିୟର ଲିଗ ଆୱାର୍ଡ ପ୍ରଦାନ କରାଯାଇଛି। ପୌରସଂସ୍ଥା ଗୁଡିକ ସମ୍ପତ୍ତି କର ବୃଦ୍ଧି କରିବା ସହ ଆଦାୟ କରର ଡିଜିଟାଇଜେସନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି ବୋଲି ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଆୱାର୍ଡ ପାଇବାକୁ କେନ୍ଦ୍ରାପଡା ପୌରନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଶ୍ରୀ ବଳଙ୍କୁ ବିଭାଗ ପକ୍ଷରୁ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ନିମନ୍ତ୍ରିତ କରାଯାଇଛି।

## ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ଶୋକ



ବ୍ରହ୍ମପୁର (ପିଏନ୍): ନିର୍ଭୀକ ତଥା କର୍ତ୍ତବ୍ୟନିଷ୍ଠ ଯୁବ ସାମ୍ବାଦିକ ଅରିନ୍ଦମ୍ ଦାସଙ୍କ ଅକାଳ ବିୟୋଗରେ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସଭାପତି ରବି ରଥ ଓ ରାଜ୍ୟ ଆବାହକ ଅକ୍ଷୟ କୁମାର ପଟ୍ଟନାୟକଙ୍କ ସମେତ ସଂଘ କର୍ମକର୍ତ୍ତା ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ଅରିନ୍ଦମଙ୍କ ଭଳି ଜଣେ ସାହସୀ ଓ ନିଷ୍ପାପର ସାମ୍ବାଦିକଙ୍କ ବିୟୋଗ ଓଡ଼ିଆ ସାମ୍ବାଦିକତା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି କହିବା ସହ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

## ଅବସରପ୍ରାପ୍ତ ସେନା ଅଧିକାରୀ ଦୁଃଖୀଶ୍ୟାମଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗରିଗାଁ ଗ୍ରାମର ଅବସରପ୍ରାପ୍ତ ସେନା ଅଧିକାରୀ ଦୁଃଖୀଶ୍ୟାମ ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଗୁରୁବାର ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ମୁଖ୍ୟ ଅତିଥି ଓ ପ୍ରାଧ୍ୟାପକ ଗିରିଶ ଚନ୍ଦ୍ର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ଦୁଃଖୀଶ୍ୟାମଙ୍କ ଦେଶପ୍ରୀତି ଓ ସୈନ୍ୟ ବିଭାଗରେ ତାଙ୍କର ଦକ୍ଷତା ତଥା ଦେଶସେବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱର୍ଗତ ସାମଲଙ୍କ ଜିବନୀ ସମ୍ବଳିତ ସ୍ମରଣିକା 'ଅମୃତ ମଣିଷ'କୁ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଧ୍ରୁବ ଚରଣ ପାତ୍ର, ଶିକ୍ଷକନେତା ପ୍ରଣବ କୁମାର ଜେନା, ପରିବେଶବିତ କାଶୀନାଥ ରାଉତରାୟ, ମଦନମୋହନ ସ୍ୱାଇଁ, ପର୍ଶୁରାମ ସ୍ୱାଇଁ, ପ୍ରାଧ୍ୟାପକ ଅଭିଜିତ ବୋଷ, ଦିଗବିଜୟ ରାଉତ, ଶରତ ଚନ୍ଦ୍ର ପାତ୍ର, କିଶୋର ନାୟକ, ବିମଳ ପରିଡା ପ୍ରମୁଖ ସ୍ୱର୍ଗତ ସାମଲଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ଅବସର ନେବା ପରେ ସ୍ୱର୍ଗତ ସାମଲ କିପରି ଗ୍ରାମରେ ପାଲା ମଣ୍ଡପ ପରିସରରେ ହନୁମାନ ମନ୍ଦିର ଓ ମୂର୍ତ୍ତୀ ସ୍ଥାପନ କରିଥିଲେ ସେ ସମ୍ପର୍କରେ ଶିକ୍ଷାବିତ୍ ଧ୍ରୁବ ଚରଣ ପାତ୍ର ବିଷଦ ଭାବେ ଆଲୋଚନା କରିଥିଲେ। ଧ୍ରୁବ ଚରଣ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରାଧ୍ୟାପକ ସଂଗ୍ରାମ କେଶରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସମାଜସେବୀ ସଂଜୟ କୁମାରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳୀ ସଭା



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ପୌରସଂସ୍ଥାସ୍ଥିତ ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାମନ୍ଦିରର ଅଧ୍ୟକ୍ଷଙ୍କ ପୌରହିତ୍ୟରେ ବିଦ୍ୟାମନ୍ଦିରର ପୂର୍ବତନ ସଭାପତି ସଂଜୟ କୁମାର ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ବିଦ୍ୟାମନ୍ଦିରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସ୍ୱର୍ଗତ ସଂଜୟ କୁମାରଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କରୁଣା ଓ କଲ୍ୟାଣ ଗଙ୍ଗାର 'ମା': ମନୋରମା



ଅକ୍ଷୟ କୁମାର ରାଉତ

ସ୍ରଷ୍ଟା ବିଚିତ୍ର , ସୃଷ୍ଟି ବିଚିତ୍ର , ବିଚିତ୍ର ଏ ବିଶ୍ୱ , ବିଚିତ୍ର ଏହି ସୁନ୍ଦର ପୃଥିବୀ , ବିଶ୍ୱ ନିୟନ୍ତାଙ୍କ ର କ୍ରୁର ନିର୍ଦ୍ଦେଶରେ ମଣିଷ , ପଶୁ , ପକ୍ଷୀ , ବୃକ୍ଷଲତା , କୀଟପତଙ୍ଗ , ସମସ୍ତେ କାଳର କରାଳ ଗତିରେ ବିଲୀନ । ପ୍ରକୃତିର ଅପୂର୍ବ ଶୋଭା ସୂର୍ଯ୍ୟ , ଚନ୍ଦ୍ର , ତାରା ଓ ଗ୍ରହମଣ୍ଡଳ । ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର ବିଚିତ୍ର , ସୁନ୍ଦର କମନୀୟ , ନମନୀୟ ପ୍ରାଣ ଏବଂ ସେମାନଙ୍କ ମଧ୍ୟରେ ସର୍ବଶେଷ୍ଠ ଈଶ୍ୱର ଙ୍କ ପ୍ରଥମ ସୋପାନରେ ଆମ ମନୁଷ୍ୟ ସମାଜ , ମନୁଷ୍ୟର ପକୃତି ଓ ଆକୃତି ପ୍ରତ୍ୟେକଙ୍କ ଠାରୁ ଭିନ୍ନ ଭିନ୍ନ । ସେହି ଭିନ୍ନ ଭିନ୍ନ ପରିମାପ କରିବା ପାଇଁ ରହିଛି ଅନନ୍ତ ଆକାଶ , ମାପକାଠି ମଧ୍ୟରେ ଅନିତ୍ୟ , ଅସାର କ୍ଷଣଭଙ୍ଗୁର ମାୟାମୋହ ସଂସାର ସାଗର କୁ ପାରି କରିବା ପାଇଁ ନ୍ତଗୁରୁ ମା' ବାଟ ଦେଖାନ୍ତି । ସେହି କରୁଣାମୟୀ ନ୍ତଗୁରୁ ମା'' ଙ୍କ କୃପାରୁ ଆମେ ସମସ୍ତେ ଦୁଇପାଦ ଆଗେଇ ଥାଉ । ବିନା ସ୍ୱାର୍ଥରେ ବିନା ଦ୍ୱିଧାରେ ଯାହାଙ୍କ ପ୍ରତି ସ୍ୱର୍ଶରେ ଆମ୍ଭେ ଆଲୋକିତ । ସସାଗର ଧରା ଶୃଙ୍ଖଂଳିତ ସେହି ନ୍ତଗୁରୁ ମା'' ଅଧ୍ୟାପିକା ଡ଼କ୍ଟର ମନୋରମା ମହାପାତ୍ର ଙ୍କୁ କିଏବା ଭୁଲିବ । ସେ ଦୂର ଦିଗ୍‌ବଳୟ ଆର ପାରିର ଚନ୍ଦ୍ରମା । ତାଙ୍କରି ଜ୍ୟୋସ୍ନାରେ ଆଲୋକିତ ମହକିତ ,ଉଲ୍ଲସିତ ଧାରା ପୃଷ୍ଠ । ଦେଶ ପରାଧିନତା ଶୃଙ୍ଖଂଳରେ ଆବଦ୍ଧ । ସେହି ସମୟରେ ଏକ ମହନୀୟ ବ୍ୟକ୍ତିତ୍ୱ , ବିଶିଷ୍ଟ ଶିକ୍ଷାବିତ୍ ସମାଜସେବୀକା , ଲେଖିକା , ସ୍ତମ୍ଭକାର ,ବାଗ୍ମୀ , ୧୯୩୪ ମସିହା ଜୁନ ୧୦ ତାରିଖ ଦିନ କଟକ ଆଠଗଡ଼ ଅନ୍ତର୍ଗତ ରାଧାନାଥପୁର ଶାସନରେ ପିତା ପଦ୍ମଭୂଷଣ ଡ଼କ୍ଟର ରାଧାନାଥ ରଥ ଓ ମାତା ସାବିତ୍ରୀ ଦେବୀଙ୍କ ୪ର୍ଥ ସନ୍ତାନ ଭାବେ କୋଳ ମଣ୍ଡନ କରିଥିଲେ । ପିଲାବେଳୁ ସେ ଧର୍ଯ୍ୟ ଓ ସାହାସର ପ୍ରତୀକ ଥିଲେ । ସେ କେବେ ଭାଙ୍ଗି ପଡୁ ନ ଥିଲେ ଦୁଃଖ ଓ ଯାତନାରେ । ମନୋରମା ମହାପାତ୍ର(ସୁଲୁ) ପ୍ରାଥମିକ ଶିକ୍ଷା ପରେ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ରୁ ମ୍ୟାଟ୍ରିକ୍ ପାଶ୍ କରିବା ପରେ ଶିକ୍ଷା କ୍ଷେତ୍ରରେ ଗୁରୁ ମା ରୂପେ ଶିକ୍ଷାଦାନ କରିବାକୁ ସ୍ୱପ୍ନ ଦେଖୁଥିଲେ । ସେ ଅର୍ଥନୀତିରେ ସ୍ନାତକୋତର ପାସ୍ କରିବା ପରେ ଅଧ୍ୟାପିକା ଭାବେ କାର୍ଯ୍ୟ କରିଥିଲେ । ସେ ପଦାରବିନ୍ଦ ମହାପାତ୍ର ଙ୍କ ଧର୍ମପତ୍ନୀ ଭାବେ ସଂସାର ଜାଳ ମଧ୍ୟରେ ରହି ସମାଜ ସେବା , ସାମ୍ବାଦିକତା ଓ ସାହିତ୍ୟ ସେବାରେ ନିଜକୁ ନିୟୋଜିତ କରୁଥିଲେ । ପ୍ରାଧ୍ୟାପିକା ଭାବେ ଦୀର୍ଘ ୧୫ ବର୍ଷ କାଳ ଶିକ୍ଷାଦାନ କରି ୧୯୮୫ ମସିହାରେ ସରକାରୀ ଚାକିରିରୁ ଅବସର ନେଇ ସମାଜ ଓ ଦେଶ ସେବାରେ ଲାଗି ପଡ଼ିଥିଲେ । ସେ ବହୁ ବର୍ଷ ଧରି ଓଡ଼ିଶା ସାହିତ୍ୟ . ଶିଶୁ ସାହିତ୍ୟ ଅନୁବାଦ ଆଦି ପ୍ରତିଟି ବିଭାଗରେ ନିଜର ପ୍ରତିଭାର ପରିଚୟ ଦେଇଛନ୍ତି । ସାହିତ୍ୟ ଓ ସାମ୍ବାଦିକତା ପ୍ରତି ଥିବା ଦୁର୍ବଳ ମନଭାବ ଯୋଗୁ ସେ ରେଭେନ୍ସା ମହାବିଦ୍ୟାଳୟର ଅଧ୍ୟାପନା ଛାଡ଼ି ଦୈନିକ ସମ୍ବଦପତ୍ର ନ୍ତସମାଜ'' ରେ ଯୋଗ ଦେଇ ପରବର୍ତୀ ସମୟରେ କାର୍ଯ୍ୟକାରୀ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ । ସେ ଓଡ଼ିଆ ,ସଂସ୍କୃତ ,ହିନ୍ଦୀ ,ବଙ୍ଗଳା ଭାଷାରେ ପାରଙ୍ଗମ ଥିଲେ । ସେ ଡ଼ଗଡ଼ମାଳିର ଓଜସ୍ୱିନୀ ବକ୍ତା ଭାବେ ସୁଖ୍ୟାତି ଅର୍ଜନ କରିଥିଲେ । ସେ ଜଗନ୍ନାଥ ସଂସ୍କୃତିର ଉପାସକ ଭାବେ ରଥଯାତ୍ରା ସମୟରେ ଆକାଶବାଣୀ ଓ ଦୂରଦର୍ଶନରେ ସିଧା ପ୍ରସାରଣରେ ଅଂଶ ଗ୍ରହଣ କରୁଥିଲେ । ସେ ସ୍ତମ୍ଭକାର ଭାବେ ନ୍ତଝିଟିପିଟି କହେ'' ସ୍ତମ୍ଭରେ ଶତାବ୍ଦୀ ନାମରେ ନ୍ତସମାଜ'' ପୃଷ୍ଠାରେ ବହୁବର୍ଷ ଧରି ଲେଖି ଆସୁଥିଲେ । ସାରସ୍ୱତ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ତାଙ୍କ ପୁସ୍ତକ ଗୁଡ଼ିକ ମଧ୍ୟରେ ରହିଛି - କୁଆର ଯେଉଁଠି ଉଠେ(୧୯୬୦) , ଅର୍ଦ୍ଧ ନାରୀଶ୍ୱର (୧୯୯୧), ବୈଦେହୀ ବିସର୍ଜିତା(୧୯୯୭), ସ୍ମୃତି ଚନ୍ଦନ , ଆମେ ସବୁ ନିରବ ଦର୍ଶକ , ରୂପମ୍ ରୂପମ୍ ପ୍ରତିରୂପମ୍ ' , ସମୟ ପୁରୁଷ(୨୦୦୮) , ମଧୁବାତା ଋତାୟତେ(୧୯୯୦) , ବନ୍ଦ ଘରୁକେ କିବାଡ଼(ହିନ୍ଦୀ) , ଶକ୍ତି ରୁପେଣ ସଂସ୍ଥିତା(୨୦୦୧) , ସମସାମୟିକ ରୁଷୀୟ କବିତା ଅନୁବାଦ , ବ୍ୟୂହ ଭେଦ , ଝଡ଼ ପରେ ସୂର୍ଯ୍ୟୋଦୟ , ଦେବହୂତି , ଦ୍ୟୁତି ଦନହର , ଶୋକର ସନ୍ତାନ ,ସ୍ମୃତିସଭା , ଏ ପୃଥିବୀ ଶରଶଯ୍ୟା , ଉତରା ନିରୁତରା ,ଅଛିଣ୍ଡା ମାସ ଛିଣ୍ଡା ଦଉଡ଼ି , ବଣ ରାଇଜର କଥା , ସୁର ରାଇଜର କଥା , ରତ୍ନଦୀପ , ଅଜାଙ୍କ ମୁଣିରୁ , ବିରାଡ଼ି ମାନଙ୍କ ଅନଶନ , ହାଣ୍ଡିଶାଳ ରୁ ରାଜ ଦରବାର ଇତ୍ୟାଦି ଅନେକ ସାହିତ୍ୟ କୃତି ।ସାହିତ୍ୟ କ୍ଷେତ୍ରରେ ନିଜର ବଳିଷ୍ଠ ଅବଦାନ ଯୋଗୁ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନେକ ଥର ପୁରସ୍କୃତ ହୋଇଛନ୍ତି । ଶିଶୁ ସାହିତ୍ୟ ପୁସ୍ତକ ନ୍ତବଣ ରାଇଜର କଥା'' ପାଇଁ ୧୯୮୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ସେ ପୁରସ୍କୃତ ଲାଭ କରିଛନ୍ତି , ଅନ୍ୟ ପୁରସ୍କାର ମଧ୍ୟରେ -୧୯୮୮ ରେ ସୋଭିଏତ୍ ଲ୍ୟାଣ୍ଡ ନେହୁର ପୁରସ୍କାର , କନ୍ନଡ଼ ସାହିତ୍ୟ ଏକାଡ଼େମୀ ପୁରସ୍କାର , ଓଡ଼ିଆ ଆମେରିକାନ ସୋସାଇଟି ଅୱାଡ଼ , ମଧୁସୂଦନ ଫାଉଣ୍ଡେସନ୍ ଦ୍ୱାରା ପ୍ରଥମ ମିଡ଼ିଆ ଆୱାର୍ଡ଼ , ଶାରଳା ପୁରସ୍କାର , ଜୟଦେବ ସମ୍ମାନ ,ଝଙ୍କାର ପୁରସ୍କାର , ପ୍ରଜାତନ୍ତ୍ର ବିଷୁବ ମିଳନ ପୁରସ୍କାର , ଉତ୍କଳ ସାହିତ୍ୟ ସମାଜ କବିତା ସମ୍ମାନ ପ୍ରଭୃତି ବିଭିନ୍ନ ସମ୍ମାନ ଲାଭ କରିଥିଲେ । ସେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ରୁ ସମ୍ମାନ ସୂଚକ ଡ଼ିଲିଟ୍ ଲାଭ କରିଥିଲେ । ସେ ନିଜର କୃତି ବଳରେ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ହୋଇଥିଲେ । ଜଣେ ସଙ୍ଗଠିକା ଭାବେ ଲୋକ ସେବକ ମଣ୍ଡଳର ଆଜୀବନ ସଦସ୍ୟ , ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି , ଓଡ଼ିଶା ରେଡ଼କ୍ରସ୍ ସୋସାଇଟି ର ସଭାପତି , ଓଡ଼ିଶା ନାରୀ ସେବା ସଂଘର ଉପସଭାପତି ,ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ସଦସ୍ୟ , ଅଖିଳ ଭାରତୀୟ ସେବା ଦଳର ଓଡ଼ିଶା ଶାଖା ସମ୍ପାଦିକା ଓ ସଭାପତି ହୋଇଥିଲେ । ଏପରିକି ପ୍ରଧାନମନ୍ତ୍ରୀ ମିଡ଼ିଆ ପାର୍ଟିରେ ଜଣେ ସାମ୍ବାଦିକ ଭାବେ ବିଭିନ୍ନ ଦେଶ ପରି ଭ୍ରମଣ କରିଥିଲେ । ଓଡ଼ିଶା ସାହିତ୍ୟ ସାମ୍ବାଦିକତା ଓ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ଅତିପରିଚତ , ଡ଼କ୍ଟର ମନୋରମା ମହାପାତ୍ର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଗତ ଶନିବାର (୧୮.୦୯.୨୦୨୧) ଦିନ କଟକ ଡ଼ାକ୍ତରଖାନାରେ ଭର୍ତି କରା ଯାଇଥିଲା ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା । ଏହି ଭଳି ଏକ ସମାଜସେବୀ ,ଶିକ୍ଷାବିତ୍ , ଲେଖିକା , ସ୍ତମ୍ଭକାର ,ବାଗ୍ମୀ ସମାଜସେବୀକଙ୍କର କର୍ମମୟ ଜୀବନ ଅବସାନ ଘଟିଲା । ମାତ୍ର ତାଙ୍କର କୃତୀ ତାଙ୍କୁ ଅମର କରି ରଖିବ । ତାଙ୍କ ସୁନାମର ସୁମନ , ସୁବାସ ମହକିତ କରୁଥିବ ଏ ମାଟିକୁ ।

ପାରାଦ୍ୱୀପ ଗଡ଼,
କୁଜଙ୍ଗ ,ଜଗତସିଂହପୁର
ମୋ-୯୯୩୭୬୯୧୪୭୫

# ପ୍ରକୃତି ଓ ପ୍ରାଚୁର୍ଯ୍ୟଭରା ଓଡ଼ିଶା ଆଜି ଦରିଦ୍ରତମ ରାଜ୍ୟ : ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର: ରାଜ୍ୟରେ କୋଟି କୋଟି ଟଙ୍କାର ପୁଞ୍ଜିନିବେଶ ହେଉଛି । ପର୍ଯ୍ୟାପ୍ତ ପରିମାଣର କେନ୍ଦ୍ରୀୟ ଆର୍ଥିକ ଅନୁଦାନ ଆସୁଛି । ଦୀର୍ଘ ୨୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରାଜ୍ୟରେ ଶାସନ କ୍ଷମତାରେ ଥିବା ଶାସକ ବିଜେଡି ନିଜକୁ ଏକ ନମ୍ବର ବୋଲି ପ୍ରଚାର କରିଆସୁଛି । ମାତ୍ର ବସ୍ତବ ସ୍ଥିତି ସଂପୂର୍ଣ୍ଣ ଭିନ୍ନ । ପ୍ରକୃତି ଓ ପ୍ରାଚୁର୍ଯ୍ୟଭରା ଓଡ଼ିଶା ଆଜି ଦରିଦ୍ରତମ ରାଜ୍ୟରେ ପରିଣତ ହୋଇଛି ବୋଲି ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ, ଓଡ଼ିଶାର ଦାରିଦ୍ର୍ୟ ସ୍ଥିତି ଏବଂ ମହିଳାମାନଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା ଆଜି ଚିନ୍ତାର କାରଣ ସାଜିଛି । ରାଜ୍ୟକୁ ବାସ୍ତବରେ ଏକ ନମ୍ବରରେ ପରିଣତ କରିବାକୁ ହେଲେ ସର୍ବପ୍ରଥମେ ଆମେ ଆମ ନିଜର ବାସ୍ତବ ସ୍ଥିତି ସଂପର୍କରେ ଅବଗତ ହେବା ନିହାତି ଜରୁରୀ । ନ୍ୟାସନାଲ ସେଂପଲ ସର୍ଭେ ଅର୍ଗାନାଇଜେସନ ତରଫରୁ କରାଯାଇଥିବା ତଥ୍ୟ ଅନୁଯାୟୀ ସର୍ବଭାରତୀୟ ସ୍ତର ହାର ଅନୁଯାୟୀ ଓଡ଼ିଶାର ସ୍ଥାନ ବହୁ ପଛରେ ରହିଛି । ସର୍ଭେ ଅନୁଯାୟୀ ଜାତୀୟ ସ୍ତରରେ ସହାରଂଚଳ ପରିବାରରେ 'ହାରାହାରି ସଂପତି ମୂଲ୍ୟ' ୨୭.୧୨ଲକ୍ଷ ଟଙ୍କା ହୋଇଥିବାବେଳେ ଓଡ଼ିଶାରେ ଏହା ୧୩.୪୧ଲକ୍ଷ ଟଙ୍କା ଏବଂ ଜାତୀୟ ସ୍ତରରେ ଗ୍ରାମାଂଚଳ ପରିବାରରେ 'ହାରାହାରି ସଂପତି ମୂଲ୍ୟ' ୧୫.୯୨ ଲକ୍ଷ ଟଙ୍କା ହୋଇଥିବାବେଳେ ଓଡ଼ିଶାରେ ଏହା ମାତ୍ର ୫.୩୨ ଲକ୍ଷ ଟଙ୍କା ଅଛି । ଓଡ଼ିଶାର ଚାଷୀ ପରିବାରର 'ହାରାହାରି ସଂପତି ମୂଲ୍ୟ' ମାତ୍ର ୬.୨୧ ଲକ୍ଷ ଟଙ୍କା ଅଟେ । ଏହି ପରିମାଣ ଆମ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଛତିଶଗଡ, ଆସାମ, ଝାଡଖଣ୍ଡଠୁ ମଧ ବହୁ ପଛରେ ଅଛି । ଏହା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି । ଓଡ଼ିଶା ଅଧିକ ଋଣଗସ୍ତ ହେବା ମଧ ଚିନ୍ତାର କାରଣ ସାଜିଛି । ସର୍ବଭାରତୀୟ ସ୍ତରରେ ଋଣଗ୍ରସ୍ତ ଚାଷୀ ପରିବାର ତାଲିକା ରାଜ୍ୟରେ ପ୍ରଥମ ୧୦ଟି ରାଜ୍ୟ ମଧ୍ୟରୁ ୯ମ ସ୍ଥାନରେ ରହିଛି । ରାଜ୍ୟରେ ୪୬.୪ ପ୍ରତିଶତ ଚାଷୀ ପରିବାର ଋଣଗ୍ରସ୍ତ । ୪୦.୫ ପ୍ରତିଶତ ଗ୍ରାମାଂଚଳ ପରିବାର ଋଣ ବୋଝରେ ଅଛନ୍ତି, ଯାହାକି ପ୍ରଥମ ୫ ଟି ରାଜ୍ୟ ମଧ୍ୟରୁ ସର୍ବ ଶେଷରେ ରହିଛି । ୨୦୧୫-୧୬ ଆର୍ଥିକ ବର୍ଷରେ ଓଡ଼ିଶାରେ ଚାଷୀଙ୍କ ଆୟ ୭୭୩୧ ଟଙ୍କା ଥିବାବେଳେ ୨୦୧୮-୧୯ ରେ ଏହା ୫୧୧୨ ଟଙ୍କାକୁ ଖସି ଆସିଛି । ହିସାବ କଲେ ଓଡ଼ିଶାର ପ୍ରତ୍ୟେକ ଚାଷୀଙ୍କ ଦିନକୁ ଆୟ ମାତ୍ର ୧୭୦ ଟଙ୍କା । ସର୍ବଭାରତୀୟ ସ୍ତରରେ ତଳ ଆଡୁ ଦ୍ୱିତୀୟ ସ୍ଥାନରେ ଓଡ଼ିଶା ରହିଛି । ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣ ଯୋଜନା ସଂପୂର୍ଣ୍ଣ ଫେଲ ହୋଇଥିବା ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି । ନୀତି ଆୟୋଗ ଏସଡିଜି ରିପୋର୍ଟ ଅନୁଯାୟୀ 'ଦାରିଦ୍ର୍ୟ ସୀମାରେଖା ତଳେ' ସୁଚକାଙ୍କରେ ୧୫ ବୃହତ ରାଜ୍ୟ ତାଲିକାରେ ଓଡ଼ିଶା ୧୪ତମ ସ୍ଥାନରେ ଅଛି । ସର୍ବଭାରତୀୟ ସ୍ତରରେ ୨୧.୯୨ ପ୍ରତିଶତ ଲୋକ 'ଦାରିଦ୍ର୍ୟ ସୀମାରେଖା ତଳେ' ଥିବାବେଳେ ଓଡ଼ିଶାରେ ୩୨.୫୯ ପ୍ରତିଶତ ରହିଛନ୍ତି । ଦୀର୍ଘ ୨୧ ବର୍ଷର ନିରୁଙ୍କଶ ଶାସନ ପରେ ମଧ ଓଡ଼ିଶା ରାଜ୍ୟ ଦରିଦ୍ରତମ ରାଜ୍ୟ ଭାବେ ପରିଗଣିତ ହେବା ରାଜ୍ୟ ସରକାରଙ୍କ ଚରମ ବିଫଳତା ନୁହେଁ କି ବୋଲି ଶ୍ରୀମତୀ ଷଡଙ୍ଗୀ ପ୍ରଶ୍ନ କରିଛନ୍ତି ।୨୦୧୮ ବର୍ଷ ଅପେକ୍ଷା ୨୦୨୦ ବର୍ଷରେ ୨୫.୭୨ ପ୍ରତିଶତ ମହିଳା ହିଂସା ବୃଦ୍ଧି ପାଇଛି । ଓଡ଼ିଶା ପୋଲିସର ତଥ୍ୟ ଅନୁଯାୟୀ ୨୦୧୮ ମସିହାରେ ୨୦୨୭୪; ୨୦୧୯ରେ ୨୩୧୮୩ ଏବଂ ୨୦୨୦ରେ ୨୫୪୮୯ଟି ମହିଳା ହିଂସା ଓ ନିର୍ଯ୍ୟାତନା ମାମଲା ରୁଜୁ ହୋଇଛି । ଏନସିଆରବି ରିପୋର୍ଟ ଅନୁଯାୟୀ, ପ୍ରତି ଲକ୍ଷରେ ଗତ ବର୍ଷ ୧୦୩.୫ ଥିବାବେଳେ ଲକ୍‌ଡାଉନ୍ ସତ୍ୱେ ଚଳିତ ଏହା ବୃଦ୍ଧି ପାଇ ୧୧୨.୯ରେ ପହଂଚିଛି । ସେହିପରି ରାଜ୍ୟରେ ଅନୁସୁଚିତ ଜାତି ମହିଳା ନିର୍ଯ୍ୟାତନା ପ୍ରତି ଲକ୍ଷରେ ୧୦୩ ଏବଂ ଅନୁସୁଚିତ ଜନଜାତି ମହିଳା ନିର୍ଯ୍ୟାତନା ୩୧କୁ ବୃଦ୍ଧି ପାଇଛି । ସାଇବର କ୍ରାଇମରେ ପ୍ରତି ଲକ୍ଷରେ ୫୨୬ କେସ୍ ରୁଜୁ ହୋଇ ଓଡ଼ିଶାର ସ୍ଥାନ ଦେଶରେ ସର୍ବାଗ୍ରେ ରହିଛି । ଅନ୍ୟ ପଟେ ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ଦଣ୍ଡବିଧାନ ହାର ବହୁତ କମ୍ ରହିଛି । ୯୩୮୬ ମାମଲା ପୋଲିସ ଇନଭେଷ୍ଟିଗେସନରେ ଥିବାବେଳେ ୧୩୫୩୦୩ଟି ମାମଲା ବିଚାର ନହୋଇ ପଡି ରହିଛି । ରାଜ୍ୟରେ ଦଣ୍ଡପ୍ରଦାନ ହାର ମାତ୍ର ୯.୨ ପ୍ରତିଶତ ରହିଛି । ଏହି କାରଣରୁ ବହୁ ଅପରାଧୀ ଖୁଲମଖୁଲା ବାହାରେ ବୁଲି ନିର୍ଭୟରେ ଅପରାଧ ଭିଆଇବାକୁ ସାହାସ କରୁଛନ୍ତି ବୋଲି ଶ୍ରୀମତି ଷଡଙ୍ଗୀ କ୍ଷୋଭ ପ୍ରକାଶ କରି କହିଛନ୍ତି ।ଆର୍ଥିକ ସଶକ୍ତିକରଣରେ ଫେଲ ହୋଇଥିବା ରାଜ୍ୟ ସରକାର ମାଁ ଓ ଭଉଣୀମାନଙ୍କୁ ସୁରକ୍ଷା ଓ ନ୍ୟାୟ ଦେବାରେ ମଧ ବହୁ ପଛରେ ରହିଯାଇଛନ୍ତି ।

# ଦୁଃସାହାସିକ ରିପୋର୍ଟିଂରେ ଅରିନ୍ଦମ ସ୍ୱତନ୍ତ୍ର ପରିଚୟ ତିଆରି କରିଥିଲେ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର: ଓଟିଭିର ଯୁବ ସାମ୍ବାଦିକ ଅରିନ୍ଦମ ଦାସଙ୍କ ଅକାଳ ବିୟୋଗ ଖବରରେ ବ୍ୟକ୍ତିଗତ ଭାବରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶୋକବାର୍ତାରେ କହିଛନ୍ତି ଯେ ଓଟିଭିର ଯୁବ ସାମ୍ବାଦିକ ତଥା ମୋର ବନ୍ଧୁ ଅରିନ୍ଦମ ଦାସଙ୍କ ଏକ ଅଭାବନୀୟ ଘଟଣାରେ ଅକାଳ ବିୟୋଗ ଖବର ଶୁଣି ମୁଁ ବ୍ୟକ୍ତିଗତ ଭାବେ ଦୁଃଖିତ ଓ ମର୍ମାହତ। ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମରେ ଅରିନ୍ଦମଙ୍କ ସହ ବହୁ ଥର ଦେଖା ସାକ୍ଷାତ୍ ହୋଇଛି। ବିଭିନ୍ନ ସମୟରେ ଦୁଃସାହାସିକ ରିପୋର୍ଟିଂ କରି ସେ ଓଡ଼ିଆ ଗଣମାଧମରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଥିଲେ। ତାଙ୍କର ଅକାଳ ବିୟୋଗ ଓଡ଼ିଶା ଗଣମାଧମ ଜଗତରେ ଅପୂରଣୀୟ ଶୂନ୍ୟସ୍ଥାନ ତିଆରି କରିଛି ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ବୋଲି ଶ୍ରୀ ପ୍ରଧାନ କାମନା କରିଛନ୍ତି ।

# ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର କ୍ୟାପିଟାଲ ପକ୍ଷରୁ ୨୧ ଶିକ୍ଷକଙ୍କୁ ନେସନ୍ ବିଲ୍ଡର ଆୱାର୍ଡ

କୋଣାର୍କ : ଶନିବାର କୋଣାର୍କସ୍ଥିତ ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଭବ୍ୟ ଉତ୍ସବରେ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର କ୍ୟାପିଟାଲ ପକ୍ଷରୁ ଗୋପ ବ୍ଲକର ୨୧ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେସନ୍ ବିଲ୍ଡର ଆୱାର୍ଡ ପ୍ରଦାନପୂର୍ବକ ସମ୍ମାନୀତ କରାଯାଇଛି । କ୍ଲବର ପ୍ରେସିଡେଣ୍ଟ ରୋଟାରିଆନ୍ ମହେଶ ଜୀ ରାଜାନୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୋପ ବ୍ଲକ୍ ଶିକ୍ଷାଧିକାରୀ ସର୍ବେଶ୍ୱର ମଲ୍ଲିକ ମୁଖ୍ୟ ଅତିଥିରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ଉପସଭାନେତ୍ରୀ ସଂଗୀତା ଦାଶ ମୁଖ୍ୟବକ୍ତାରୂପେ ଯୋଗଦେଇ ଉ□ମ ନାଗରୀକ ନିର୍ମାଣରେ ଶିକ୍ଷକ ସମାଜର ଭୂମିକା ସଂପର୍କରେ ଆଲୋଚନା କରିଥିଲେ। ଶିକ୍ଷାବିତ୍ ରୋଟାରିଆନ୍ ଡ. ରେଖା ଦାସ ରୋଟାରୀ କ୍ଲବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସେକ୍ରେଟାରୀ ରୋଟାରୀଆନ୍ ସୁଶାନ୍ତ କୁମାର ସ୍ୱାଇଁ, ପରବ□ୀ ସଭାପତି ରୋଟାରୀଆନ୍ ବିଦ୍ୟାଧର ବେହେରା, ପୂର୍ବତନ ସଭାପତି ଡ. ସୁଦର୍ଶନ ପଣ୍ଡା, ନିଖିଳେଶ୍ୱର ସାହୁ, ଦୟାନିଧି ନାୟକ, ସୌଦାମିନୀ ଦାଶ, ଗୋପ ବିଆରସିସି ବ୍ରଜବନ୍ଧୁ ବେହେରା, ଏବିଇଓ କମଳିନୀ ବେହେରା ଓ ଦାମୋଦର ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ପାତ୍ର ଅତିଥିରୂପେ ଯୋଗଦେଇ ସମୃଦ୍ଧ ରାଷ୍ଟ୍ର ନିର୍ମାଣରେ ଶିକ୍ଷକମାନଙ୍କର ଗୁରୁଦାୟିତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସିଆରସିସି ରବୀନ୍ଦ୍ରନାଥ ବାହିନୀପତି, ଆଦର୍ଶ ପ୍ରଧାନଶିକ୍ଷକ ଅଚ୍ୟୁତାନନ୍ଦ ପ୍ରଧାନ, ସ୍ମରଜିତ୍ କୁମାର ସେନ୍, ଟୁନାରମା ସ୍ୱାଇଁ, ସମ୍ରାଟ ଭଞ୍ଜ ଭୋଇ, ଅଜୟ କୁମାର ରଥ, ପବିତ୍ରମୋହନ ନାଏକ, ସରୋଜ କୁମାର ମିଶ୍ର, ଆଲୋକମାଳା ସାହୁ, ଝୁଲି ନାୟକ, ଭାସ୍କର କାଣ୍ଡି, ଦୁଃଶାସନ ଦଳାଇ, ବିଷ୍ଣୁଚରଣ ସାହୁ, ମଦନମୋହନ ପରିଡା, ସୁରଜିତ୍ ସାହୁ, ସଦାଶିବ ବେହେରା, ଦୀନକୃଷ୍ଣ ପ୍ରଧାନ, ନିରଞ୍ଜନ ସାହୁ, ନିରଞ୍ଜନ ସ୍ୱାଇଁ, ପ୍ରମୋଦିନୀ ପଟ୍ଟନାୟକ ଓ ପ୍ରଫୁଲ୍ଲ କୁମାର ସେଠୀଙ୍କୁ ରୋଟାରୀ କ୍ଲବ୍ ପକ୍ଷରୁ ଉ□ରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନପୂର୍ବକ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭ ଓ ଶେଷରେ ଦାମୋଦର ବାଳିକା ହାଇସ୍କୁଲର ଛାତ୍ରୀମାନେ ଗୁରୁ ବନ୍ଦନା ଗାନ କରିଥିଲେ। ରୋଟାରୀଆନ୍ ବିଦ୍ୟାଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଗୋପ ବ୍ଲକ୍ ଶିକ୍ଷକ ସମନ୍ୱୟ ସମିତିର ସଭାପତି ଶିବଦ□ ନାୟକ, ସମାଜସେବୀ ରାମକୃଷ୍ଣ ମହାନ୍ତି, ଶିକ୍ଷକ ବେଣୁଧର ବେହେରା ଓ ମା ଭୂଆଷୁଣୀ ବିଦ୍ୟାପୀଠର ପ୍ରଧାନଶିକ୍ଷକ ବିଭୁଦ□ ନାୟକ ପରିଚାଳନା କରିଥିଲେ।

# ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୫୪୮ କୁ ବୃଦ୍ଧି

## ୨ ପୋଲିସ କର୍ମଚାରୀଙ୍କ ସମେତ ୫ କରୋନା ଯୋଦ୍ଧା ସଂକ୍ରମିତ

କନ୍ଧମାଳ, (ପିଏନ)- କନ୍ଧମାଳ ଜିଲ୍ଲାରେ ଆଜି ଫୁଲବାଣୀ ଟାଉନ ଥାନାର ଦୁଇଜଣ ପୁଲିସ କର୍ମଚାରୀଙ୍କୁ ମିଶାଇ ମୋଟ ୫ ଜଣ କରୋନା ଯୋଦ୍ଧାଙ୍କ ସମେତ ମୋଟ ୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪,୫୪୮ରେ ପହଂଚିଛି । ଏହି ସମସ୍ତ ଆକ୍ରାନ୍ତ ମାନଙ୍କ ମଧ୍ୟରୁ ଆଜି ସୁଦ୍ଧା ୩,୮୭୮ ଜଣ ସଂକ୍ରମିତ ସୁସ୍ଥ ହୋଇ ସେମାନଙ୍କ ଘରକୁ ଫେରିଛନ୍ତି । କରୋନା ଜନିତ ମୃତ୍ୟୁ ସଂଖ୍ୟା ଜିଲ୍ଲାରେ ୨୩ ରହିଛି ଆଉ ୬୪୭ ଜଣ ସଂକ୍ରମିତ ବିଭିନ୍ନ କୋଭିଡ ହସପିଟାଲରେ ରହି ଚିକିତ୍ସିତ ହେଉଛନ୍ତି । ଆଜିର ସଂକ୍ରମିତଙ୍କ ମଧ୍ୟରୁ ଜିଲ୍ଲାର ଫୁଲବାଣୀ ପୌରାଂଚଳରେ ୧୫ ଜଣ ଏବଂ ଗ୍ରାମାଂଚଳରେ ୨ଜଣ ଚିହ୍ନଟ ହୋଇଚନ୍ତି । ସେହିପରରି ବାଲିଗୁଡାର ବିଜ୍ଞାପିତ ଅଂଚଳରେ ୩ ଜଣ ଓ ଗ୍ରାମାଂଚଳରେ ୪ ଜଣ ଲେଖାଏଁ ଚିହ୍ନଟ ହୋଇଛନ୍ତି । ଜିଲ୍ଲାର ଘୁ.ଉଦୟଗିରିରେ ୨,ଚକାପାଦରେ ୫,ଦାରିଙ୍ଗବାଡିରେ ୪,କ.ନୁଆଗାଁରେ ୩,ଖଜୁରିପଡାରେ ୫,କୋଟଗଡରେ ୩,ଫିରିଙ୍ଗିଆ ୨,ରାଇକିଆ ୫,ଟିକାବାଲିରେ ୧, ତୁମୁଡିବନ୍ଧ ଅଂଚଳରୁ ୪ ଜଣ ଥିବାବେଳେ ଅନ୍ୟାନ୍ୟ ଅଂଚଂଳରୁ ଜଣେ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ତେବେ କରୋନା ସଂକ୍ରମଣ ଧିରେଧିରେ ବଢିବାରେ ଲାଗିଥିବାରୁ ଲୋକଙ୍କୁ ଘରୁ ନ ବାହାରିବାକୁ ପ୍ରଶାସନ ତରଫରୁ କୁହାଯାଇଛି । ଅତି ଆବଶ୍ୟକ ହେଲେ ଘରୁ ବାହାରିବାବେଳେ ମୁହଁରେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୁରତା ବଜାୟ ରଖି ଯାତାୟାତ କରିବା ସହିତ କୋଭିଡ ନିୟମ ମାନି ଚଳିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି ।

### ସହାୟତା ପାଇଁ ନବ ନିର୍ମାଣ କୃଷକ ସଂଗଠନର ଦାବି

ବାଲିପାଟଣା/ଭୁବନେଶ୍ୱର : ଫନି ମହାବାତ୍ୟାରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ବହୁ ଚାଷୀ ସମସ୍ତ ଫସଲ ହରାଇ ସର୍ବସ୍ୱାନ୍ତ ହୋଇଥିଲେ। ଏହା ପରେ ସରକାରଙ୍କ ତରଫରୁ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ଏଥିପାଇଁ କ୍ଷତିପୂରଣ ଦିଆଯାଇଥିଲା। ମାତ୍ର ଫନି ସମୟରେ ଘୋଷଣା ଅନୁଯାୟୀ ପାନଚାଷୀମାନେ ଏହି ସହାୟତାରୁ ବଂଚିତ ହୋଇଛନ୍ତି। ପାନ ବରଜର କ୍ଷୟକ୍ଷତି ପାଇଁ ୧୫ ହଜାର ଟଙ୍କା ଦିଆଯିବ ବୋଲି ସରକାର ଘୋଷଣା କରିଥିଲେ। ମାତ୍ର ଦୁଃଖ ଓ ପରିତାପର ବିଷୟ ଯେ, ଏପର୍ଯ୍ୟନ୍ତ ବାଲିପାଟଣା ଅଂଚଳର ପ୍ରକୃତ ପାନଚାଷୀ ସହାୟତା ଅର୍ଥ ପାଇନାହାଁନ୍ତି।

# ରାଜ୍ୟ ସରକାରଙ୍କ ଅପାରଗତା ଓ ବିଫଳତାର ସର୍ବଶ୍ରେଷ୍ଠ ଉଦାହରଣ ହେଉଛି 'ପିପିଲି-ଡେଲାଙ୍ଗ' ଅଂଚଳ: ସମୀର ମହାନ୍ତି

ଭୁବନେଶ୍ୱର: ରାଜ୍ୟରେ ଶାସକ ବିଜୁ ଜନତା ଦଳ କେବଳ ପ୍ରଚାର ସର୍ବସ୍ୱ। ବାରମ୍ବାର ଘୋଷଣା କରି ସାଧାରଣ ଜନତାଙ୍କୁ ଭୂଆଁ ବୁଲାଇବାରେ ପାରଙ୍ଗମ ରାଜ୍ୟ ସରକାର । ରାଜ୍ୟବାସିଙ୍କୁ ମୌଳିକ ସୁବିଧା ସୁଯୋଗ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ରାଜ୍ୟ ସରକାର ବଡ ବଡ ଯୋଜନାର ଘୋଷଣା କରନ୍ତି, କିନ୍ତୁ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଂଚି ପାରେ ନାହିଁ । କେନ୍ଦ୍ରୀୟ ଯୋଜନାକୁ ହଡପ୍ ଓ ବାଟମାରଣରେ ସିଦ୍ଧହସ୍ତ ଶାସକ ବିଜେଡି । ରାଜ୍ୟବାସୀଙ୍କ ବିକାଶର ବଡ ବାଧକ ହେଉଛନ୍ତି ରାଜ୍ୟ ସରକାର ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ପିପିଲି ଉପ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ସପକ୍ଷରେ ପ୍ରଚାର ପାଇଁ ଆସି ଶ୍ରୀ ମହାନ୍ତି କହିଛନ୍ତି ଯେ, ଫନୀ ବାତ୍ୟାରେ ବାସଗୃହ ହରାଇଥିବା ଗରୀବ ଲୋକଙ୍କୁ ଗୋଟିଏ ଲେଖାଏଁ ବାସଗୃହ ଯୋଗାଇ ଦେବା କଣ ରାଜ୍ୟ ସରକାରଙ୍କ ଦାୟୀତ୍ୱ ନୁହେଁ ? ଫନୀ ପରର ଯେଉଁ ଦୃଶ୍ୟ ବ୍ୟଥିତ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଫନୀ ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆସିଥିବା ପକ୍କା ଘରକୁ ଦଳୀୟ ଭିତିରେ ଓ ପାତର ଅନ୍ତରରେ ଆବଂଟନ କରାଯାଇ ପ୍ରକୃତ ଗରୀବ ହିତାଧିକାରିଙ୍କୁ ବଂଚିତ କରାଯାଇଛି । ବର୍ତମାନ ସୁଦ୍ଧା ଚାଳ ଓ ଭଙ୍ଗା ଘରେ ଅଂଚଳବାସୀ ରହୁଥିବା ଚିତ୍ର ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେହିପରି ୨୦୧୪-୧୫ ମସିହା ପରେ ମୋଦି ସରକାର ସିଧାସଳଖ ପ୍ରତ୍ୟେକ ପଂଚାୟତର ବିକାଶ ପାଇଁ କୋଟି କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି । କିନ୍ତୁ, ବାସ୍ତବରେ ଏହା ପ୍ରତିଫଳିତ ହୋଇ ନାହିଁ ଏବଂ ଗ୍ରାମାଂଚଳର ବିକାଶ ଆଜି ବହୁ ଦୂରରେ ରହିଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଦୀର୍ଘ ବର୍ଷ ଧରି ପିପିଲି-ଡେଲାଙ୍ଗ ଅଂଚଳବାସୀଙ୍କ ସାମ୍ବିଧାନିକ ଅଧିକାରକୁ ଦଳି ଚକଟି ହତ୍ୟା କରାଯାଇଛି । ଅଂଚଳବାସିଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ହକ୍‌ରୁ ବଂଚିତ ରଖାଯାଇଛି । ଗଣତନ୍ତ୍ରରେ କେହି ଅପରାଜେୟ ନୁହେଁ। ପିପିଲି-ଡେଲାଙ୍ଗ ଅଂଚଳବାସୀ ପରିବର୍ତନ ପାଇଁ ନିଷ୍ପତି ନେଇସାରିଛନ୍ତି । କୌଣସି ବାହୁବଳ, ଅର୍ଥବଳ ପ୍ରଭାବିତ କରି ପାରିବ ନାହିଁ। ଜନତା ହେଲେ ମାଲିକ୍, ଜନତା ଯେଉଁଦିନ ନିଷ୍ପତି ନେବେ ସେହି ଦିନ ପରିବର୍ତନ ସମ୍ଭବ ହେବ ବୋଲି ଶ୍ରୀ ମହାନ୍ତି ଦୃଢୋକ୍ତି ପ୍ରକାଶ କରି କହିଛନ୍ତି । ଏହି ପ୍ରଚାର ଅବସରରେ ରାଜ୍ୟ ଉପସଭାପତି ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ପ୍ରଚେଷ୍ଟା ଅସହାୟ ବୃଦ୍ଧା ଥଇଥାନ ହୋଇ ଚିକିତ୍ସା ସୁବିଧା ପାଇଲେ

ମାଲକାନଗିରି, (ପିଏନ)- ଆନ୍ତର୍ଜାତୀୟ ବୃଦ୍ଧ ଦିବସ ଅବସରରେ ମାଲକାନଗିରିସ୍ଥିତ ୧୧୯ କଲୋନୀ ନିବାସୀ ରଜନୀ ପଣ୍ଡା ନାମ୍ନୀ ବୃଦ୍ଧା ତାଙ୍କ ଘରେ ପରିବାର ଠାରୁ ନାନା କଷ୍ଟ ପାଇ ଘରୁ ବିତାଡ଼ିତ ହୋଇ ମାଲକାନଗିରି ସହରରେ ଅଖିଆ ଅପିଆ ହୋଇ ବୁଲୁଥିଲେ । ବୃଦ୍ଧା ଅବସ୍ଥା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବା ବେଳେ ତାଙ୍କ ବାମ ହାତ ମଧ୍ୟ ଭାଙ୍ଗି ଯାଇଥିଲା । ଏହିପରି ଅବସ୍ଥାରେ ମାଲକାନଗିରି ସମାଜ ସେବୀ ଗୀତାଞ୍ଜଳି ମହାପାତ୍ର ତାଙ୍କୁ ଦେଖିବ ସଂଗେ ସଂଗେ ମାଲକାନଗିରି ପୋଲିସ ଷ୍ଟେସନରେ କାର୍ଯ୍ୟରତ ଏସ.ଆଇ ଶୁଭଶ୍ରୀ ନାୟକଙ୍କୁ ଜଣାଇଥିଲେ । ଶ୍ରୀମତୀ ନାୟକ ବିଳମ୍ବ ନ କରି ରଜନୀ ପଣ୍ଡାଙ୍କୁ ମାଲକାନଗିରି ଟାଉନ ଆଶ୍ରୟ ଗୃହରେ ରଖି ତତ୍‌କ୍ଷଣାତ୍ ଏହି ବିଷୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଅମରେଶ ନାୟକଙ୍କୁ ଜଣାଇଥିଲେ । ସଚିବ ଶ୍ରୀ ନାୟକ ସଂଗେ ସଂଗେ ଯାଇ ଲିଗାଲ ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶଙ୍କୁ ବୃଦ୍ଧାଙ୍କୁ ଉଦ୍ଧାର କରିବା ପାଇଁ କହିଥିଲେ । ଏହା ପରେ ଗୀତାଞ୍ଜଳି ମହାପାତ୍ର, ଏସ.ଆଇ ଶୁଭଶ୍ରୀ ନାୟକ, ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶ ପ୍ରମୁଖ ବୃଦ୍ଧାଙ୍କୁ ଅସ୍ଥାୟୀ ଆଶ୍ରୟ ଗୃହରୁ ଉଦ୍ଧାର କରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ପାଖରେ ହାଜର କରାଇଥିଲେ । ସଚିବ ଶ୍ରୀ ନାୟକ ସମସ୍ତ ବିଷୟ ବୁଝି ବୃଦ୍ଧାଙ୍କୁ ଉଦ୍ଧାରକର୍ତା ଟିମ୍‌ଙ୍କ ଜରିଆରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପ୍ରେରଣ କରି ଯଥାଶୀଘ୍ର ବୃଦ୍ଧା ମହିଳାଙ୍କ ଥଇଥାନ କରି ତାଙ୍କ ଆଶୁ ଚିକିତ୍ସା ସକାଶେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଆଦେଶ ଦେଇଛନ୍ତି । ଏହା ସହିତ ବୃଦ୍ଧାର ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ରିପୋର୍ଟ ପ୍ରଦାନ କରିବା ପାଇଁ ମଧ କହିଛନ୍ତି । ଥଇଥାନ ହୋଇ ଚିକିତ୍ସା ପାଇଲା ପରେ ବୃଦ୍ଧୀ ରଜନୀ ପଣ୍ଡା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ତାଙ୍କ ଭରଣ ପୋଷଣ ଓ ଅନ୍ୟାନ୍ୟ ଭତା ପାଇବାର ବ୍ୟବସ୍ଥା ମଧ କରାଯିବ ବୋଲି ଆଇନ ସେବା ପ୍ରାଧିକରଣ ତରଫରୁ ଜଣାଯାଇଛି । ପ୍ରକାଶ ଥାଉ କି ଜିଲ୍ଲା ଆଇନ ସେବା ପ୍ରାଧିକରକଣ ଦ୍ୱାରା ପୂର୍ବରୁ ମଧ୍ୟ ବହୁ ଅସହାୟ ବରିଷ୍ଠ ନାଗରିକ, ଶିଶୁ ଓ ଅନ୍ୟମାନେ ଉଦ୍ଧାର ହୋଇ ଥଇଥାନ ହୋଇପାରିଛନ୍ତି ।

# ୪ ଅଭିଯୁକ୍ତ ଗିରଫ,୬ ଫେରାର, ୨ବାଇକ୍ ସହ ବହୁ ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ପୋଲିସକୁ ବଡ ଧରଣର ସଫଳତା । ଗତ କାଲି ବିଳମ୍ବିତ ରାତିରେ ଏକ ବଡ ଧରଣର ଡକାୟତି ଉଦ୍ୟମ ଯୋଜନା କରୁଥିବା ବେଳେ ନାଇଟ ପାଟ୍ରୋଲିଂ କରୁଥିବା ପୋଲିସ ଏହାକୁ ପଣ୍ଡ କରିଛି । ଯାହାକୁ ନେଇ ଆଜି ଧର୍ମଶାଳାରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବାଇକ,ମାରଣାସ୍ତ୍ର ସହ ନଗଦ ଟଙ୍କା ଜବତ କରିଥିବ ନେଇ ଆଜି ଅପରାହ୍ନରେ ଧର୍ମଶାଳା ଥାନା ପରିସରରେ ଯାଜପୁର ଏସଡିପିଓ ଚିନ୍ମୟ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନା ମୁତାବକ ଗତ କାଲି ରାତିରେ ଧର୍ମଶାଳା ଥାନା ଅନ୍ତର୍ଗତ ଦେଉଳି ପାହାଡ ପାଦ ଦେଶରେ କିଛି ଯୁବକ ଚଲାବୁଲା କରୁଥିଲେ । ତେବେ ସେହି ସମୟରେ ଧର୍ମଶାଳା ପୋଲିସ ନାଇଟ ପାଟ୍ରୋଲିଂ କରୁଥିବା ସମୟରେ ସେମାନଙ୍କ ଉପରେ ନଜର ପଡିଥିଲା । ତେବେ ସେମାନେ ପୋଲିସକୁ ଦେଖି ଫେରାର ହୋଇ ଯାଉଥିବା ଦେଖି ପୋଲିସ ସେମାନଙ୍କୁ ପିଛା କରି ୪ ଜଣଙ୍କୁ ଧରିବାରେ ସଫଳତା ପାଇଥିଲା ବେଳେ ଅନ୍ୟ ୬ ଜଣ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏହି ୪ ଯୁବକଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚୁରା ପରେ ଏକ ଡକାୟତି ଯୋଜନା କରୁଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ । ଏବଂ ସେମାନଙ୍କଠାରୁ ବହୁ କଥା ଜାଣିବାକୁ ପାଇଥିଲା । ଏବଂ ସେମାନଙ୍କ ନାମରେ ପୂର୍ବରୁ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଥିଲା । ଏହି ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ପୋକଲ ପଲ୍ଲୀ ଗ୍ରାମର କାର୍ତିକ ଦାସଙ୍କ ପୁଅ ଶିବାଜୀ(୨୩) ଏହି ଗ୍ରାମର ଦାସ ଲାମ୍ବାଙ୍କ ପୁଅ ଦାସ ବେଓ୍ୱା(୧୯),ଆସ୍କା ଥାନା ଅନ୍ତର୍ଗତ କରଟେଲି ଗ୍ରାମର ଆହୁଲା ସୁରେଶଙ୍କ ପୁଅ ଆହୁଲା ବଳରାମ(୨୧) ଓ ଆସ୍କା ଥାନା ଅନ୍ତର୍ଗତ ରେଞ୍ଜାର ବଙ୍ଗଳା ଗ୍ରାମର ଏମ୍ ବାବୁଲାଙ୍କ ପୁଅ ଏମ୍ ସୁନିଲ(୨୫) ବୋଲି ଜଣାପଡିଛି । ଏବଂ ସେମାନେ ବ୍ୟବହୃତ କରୁଥିବା ୨ଟି ହୋଣ୍ଡା ବାଇକ୍ ଓଡି୦୨ଏଏସ୬୯୨୧ ଓ ଓଡି୩୨ଇ୬୨୧୧,ଗୋଟିଏ ଦେଶୀ ବନ୍ଧୁକ,ଗୋଟେ ଭୁଜାଲି,ଗୋଟେ ଛୁରୀ,୨ଟି ରେଂଚୁ,ଗୋଟେ ପ୍ୟାକେଟ ଲଙ୍କା ଗୁଣ୍ଡ,୮ ଗୋଟି ମୋବାଇଲ, ନଗଦ ୮୧୯୦ଟଙ୍କା,୬ଟି ଏଟିଏମ୍ କାର୍ଡ,୧୩ ଗୋଟି ସିଲଭର ପାଉଁଜି,୨୪ଟି ସିଲଭର ମୁଦିକୁ ପୋଲିସ ଜବତ କରିଛି । ଏବଂ ଅଭିଯୁକ୍ତମାନଙ୍କୁ ଆଜି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଏସଡିପିଓ ଶ୍ରୀ ନାୟକ ସୁଚନା ଦେଇଛନ୍ତି । ଏବଂ ଏହି ଘଟଣାରେ ଏହି ସବୁ ଅଂଚଳର ବିଜୟଙ୍କ ପିରାଜା(୨୧),କୃଷ୍ଣ ଦାସଙ୍କ ପୁଅ ମହେଶ୍ୱର(୨୧),ପି ରାମୁଙ୍କ ପୁଅ ରହୁଲ ଦାସ(୨୧), ମିଲନ ଦାସ(୨୧), ଜୟା ଗୋପିଙ୍କ ପୁଅ ଜୟା ଚାନ୍ଦୁ(୧୯) ଓ ଅଭୟ ଦାସ(୨୫) ଫେରାର ହୋଇଯାଇଥିବା ବେଳେ ସେମାନଙ୍କୁ ଖୁବ ଶିଘ୍ର ଧରାଯିବ ବୋଲି ପୋଲିସ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

# ନୂଆ କୋଭିଡ଼ ଆକ୍ରାନ୍ତ ୬୧, ମୃତ୍ୟୁ ସଂଖ୍ୟାରେ ଆଉ ୧ ବୃଦ୍ଧି

ଭଦ୍ରକ,(ପିଏନ)- ଜିଲ୍ଲାରୁ ନୂଆ କରୋନା ଆକ୍ରାନ୍ତ ୬୧ଜଣ ଚିହ୍ନଟ ହୋଇଥିବା ବେଳେ ଆଉ ଜଣେ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟାରେ ଆଉ ୧୧୪ ବୃଦ୍ଧି ପାଇଛି। ଜିଲ୍ଲାର ମୋଟ ୮୬ ହଜାର ୪୭୦ ନମୁନା ପରୀକ୍ଷା ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୫୩୧୭। ମୋଟ ସୁସ୍ଥ ହୋଇଛନ୍ତି ୪୪୮୨। ସେହିଭଳି ମୃତ୍ୟୁ ସଂଖ୍ୟା ଗତକାଲି ୧୩ ଥିବା ବେଳେ ଏଥିରେ ଆଉ ୧ ବୃଦ୍ଧି ହୋଇ ମୋଟ ମୃତ୍ୟୁ ସଂଖ୍ୟା ହୋଇଛି ୧୪। ସେହିଭଳି ମୋଟ ଆକ୍ଟିଭ ଆକ୍ରାନ୍ତ ଅଛନ୍ତି ୮୨୧ଜଣ। ଚିହ୍ନଟ ୬୧ ଆକ୍ରାନ୍ତଙ୍କ ମଧ୍ୟରୁ ଭଦ୍ରକ ବ୍ଲକରୁ ୧୩ଜଣ, ଭଦ୍ରକ ପୌରପାଳିକାରୁ ୯, ବାସୁଦେବପୁରରୁ ୧୨, ଚାନ୍ଦବାଲିରୁ ୬, ଧାମନଗରରୁ ୯, ଭଣ୍ଡାରିପୋଖରୀରୁ ୫, ବନ୍ତ ବ୍ଲକରୁ ୩, ତିହିଡି ବ୍ଲକରୁ ୨ ଏବଂ ଅନ୍ୟ ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।






ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Sunday September 26, 2021 ଭୁବନେଶ୍ୱର ରବିବାର, ସେପ୍ଟେମ୍ବର ୨୬,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




# ଖେଳ

## ଟାଟା ସ୍କାଏ ବି୍ରେ ଦୁଇଟି ନୂତନ ଓଟିଟି ଆପ୍ ନ୍ତଏପିକ୍ ଅନ୍ ଓ ଡକ୍ୟୁବେ' ସାମିଲ

ଭୁବନେଶ୍ୱର : ଭାରତର ଅନ୍ୟତମ ଅଗ୍ରଣୀ କଂଟେଂଟ୍ ବିତରଣ ଓ ପ୍ଲେ ଟିଭି ପ୍ଲାଟ୍‌ଫର୍ମ ଟାଟା ସ୍କାଏ ଏହାର ଷ୍ଟ୍ରିମିଙ୍ଗ୍ ସର୍ଭିସ୍‌ରେ ମନୋରନର ପରିମାଣ ବୃଦ୍ଧି କରି ଟାଟା ସ୍କାଏ ବି୍ରେ ଦୁଇଟି ନୂତନ ଆପ୍‌କୁ ସାମିଲ କରିଛି, ଫଳରେ ପ୍ଲାଟ୍‌ଫର୍ମରେ ପାର୍ଟନର୍ ଆପଗୁଡିକର ମୋଟ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ଏପିକ୍ ଅନ୍ ଓ ଡକ୍ୟୁ ବେ'- ଆଇଏନ୍୧୦ ମିଡିଆ ନେଟ୍‌ୱର୍କର ଏହି ଦୁଇଟି ଲୋକପ୍ରିୟ ଓଟିଟି ଆପ୍ ଟାଟା ସ୍କାଏ ବି୍ରେ ନୂଆ କଂଟେଂଟ୍‌ର ବିଦ୍ୟମାନ ବୁଟିକ୍‌ରେ ସମଗ୍ର ବିଶ୍ୱର ହଜାର ହଜାର ଉତ୍ସାହଜନକ ମୁଭି, ଶୋ', ରିଅଲିଟି ଟିଭି କଂଟେଂଟ୍ ଓ ପୁରସ୍କାରପ୍ରାପ୍ତ ଡୁକ୍ୟମେଂଟାରୀଗୁଡିକୁ ସାମିଲ କରିବେ। ଏପିକ୍ ଅନ୍ କଂଟେଂଟ୍‌ଗୁଡିକର ଏକ ଉତ୍ସାହଜନକ ଶୃଙ୍ଖଳା ଯେପରିକି ମୁଭି, ଟିଭି ଶୋ', ସର୍ଟ ଫିଲ୍ମ, ରିଅଲିଟି ଟିଭି କଂଟେଂଟ୍, ଫୁଡ୍ ଓ ଟ୍ରାଭେଲ୍ ଶୋ' ଆଦିର ଏକ ମିଶ୍ରଣ ଆଣୁଛି। ଏଥିରେ ହିନ୍ଦୀ ଭାଷାରେ ଡବ୍ ହୋଇଥିବା ଲୋକପ୍ରିୟ କୋରିଆନ୍ ଡ୍ରାମା ଓ ସଟ୍ ଫିଲ୍ମ ମଧ୍ୟ ରହିଛି।ସମଗ୍ର ବିଶ୍ୱର ଡକ୍ୟୁମେଂଟାରୀଗୁଡିକୁ ଷ୍ଟ୍ରିମ୍ କରୁଥିବା ଓଟିଟି ଆପ୍ ଡକ୍ୟୁବେ' ପ୍ରକୃତି, ବିଜ୍ଞାନ, ଇତିହାସ, ବନ୍ୟଜନ୍ତୁ, ଭ୍ରମଣ, ଅପରାଧ, ବିଶ୍ୱ ଘଟଣାବଳୀ ଆଦି ଉପରେ ପୁରସ୍କାରପ୍ରାପ୍ତ ଡକ୍ୟୁମେଂଟାରୀ ଫିଲ୍ମଗୁଡିକ ସମେତ ବିଶ୍ୱସ୍ତରୀୟ ସୂଚନାମୂଳକ କଂଟେଂଟ୍‌କୁ ସାମିଲ କରିଛି। ନୂଆ ପାର୍ଟନର୍ ଆପଗୁଡିକର ଯୋଗ ଉପରେ ମତ ରଖି ଟାଟା ସ୍କାଏର ପ୍ରବକ୍ତା କହିଛନ୍ତି, ' ଚଳିତ ପାର୍ବଣ ଋତୁରେ ଆମେ ଆମର ଦର୍ଶକମାନଙ୍କ ପାଇଁ କଂଟେଂଟ୍ ଦୁନିଆରେ ଅଧିକ ଗଭୀର ଭାବେ ପ୍ରବେଶ କରିବା ପାଇଁ ଟାଟା ସ୍କାଏ ବି୍ରେ ଦୁଇଟି ନୂତନ ପ୍ଲାଟ୍‌ଫର୍ମକୁ ସାମିଲ କରିଛୁ। ଏପିକ୍ ଅନ୍ ଓ ଡକ୍ୟୁବେ' ଆମର କଂଟେଂଟ୍ କାଟାଲଗ୍‌ରେ ଅଧିକ ବିବିଧତାକୁ ସାମିଲ କରିବ ଯାହାକି ଅଧିକ ନିୟୋଜନକୁ ପରିଚାଳନା କରିବ। ଆଇଏନ୍୧୦ ମିଡିଆ ନେଟ୍‌ୱର୍କର ପ୍ରବକ୍ତା କହିଛନ୍ତି, ନ୍ତ ଡିଜିଟାଲ ଇକୋସିଷ୍ଟମ ଅପାର ଅଭିବୃଦ୍ଧି ଦେଖିବା ଏବଂ ଦର୍ଶକମାନେ ବହୁମୁଖୀ କଂଟେଂଟ୍ ଚାହିଁବା ସହିତ ଆମର ଡିଜିଟାଲ ଅଫରିଙ୍ଗ୍- ଏପିକ୍ ଅନ୍ ଓ ଡକ୍ୟୁବେ' ବିଶ୍ୱ ପ୍ରଶଂସିତ କଂଟେଂଟ୍‌ଗୁଡିକର ଏକ ସମୃଦ୍ଧ ଲାଇବ୍ରେରୀ ପ୍ରଦାନ କରୁଛି। ଆମେ ଟାଟା ସ୍କାଏ ସହିତ ସହଭାଗିତା କରି ଖୁବ୍ ଖୁସି ଅନୁଭବ କରୁଛୁ ।ନ୍ତଟାଟା ସ୍କାଏ ବି୍ ହେଉଛି ଏକ ଷ୍ଟ୍ରିମିଙ୍ଗ୍ ପ୍ଲାଟ୍‌ଫର୍ମ ଯାହା ୧୩ଟି ପ୍ରିମିୟମ୍ ଓଟିଟି ଆପ୍ ଯେପରିକି ଡିଜ୍‌ନି+ ହଟ୍‌ଷ୍ଟାର ପ୍ରିମିୟମ, ଜୀ୫, ସୋନି୍ ଲିଭ୍, ଭୁଟ୍ ସିଲେକ୍ଟ, ସନ୍‌ନେକ୍ସଟ୍, ହଙ୍ଗାମା ପ୍ଲେ, ଏରୋସ୍ ନାଓ, ସିମାରୁମି, ଭୁଟ୍ କିଡ୍‌ସ, କ୍ୟୁରିଓସିଟି ଷ୍ଟ୍ରିମ୍ ଏବଂ ବର୍ତ୍ତମାନ ଏପିକ୍ ନାଓ ଓ ଡକ୍ୟୁବେ' । ଇଚ୍ଛୁକ ସବ୍‌ସ୍କ୍ରାଇବର୍‌ମାନେ ଯେକୌଣସି ବି୍ ପ୍ୟାକ୍‌ରେ ୧୨୯ଟଙ୍କାର ଏକ ଅତିରିକ୍ତ ମାସିକ ଟପ୍ ଅପ୍‌ରେ ଆମାଜନ୍ ପ୍ରାଇମ୍ ଭିଡିଓ ପାଇଁ ସବ୍‌ସ୍କ୍ରିପ୍‌ଶନ ପାଇପାରିବେ।ଟାଟା ସ୍କାଏ ବି୍ ୨୯୯ ପ୍ଲାନ୍ ପାଇଁ ଚୟନ କରୁଥିବା ସବ୍‌ସ୍କ୍ରାଇବର୍‌ମାନେ ଟେଲିଭିଜନ୍ ସ୍କ୍ରିନ୍ ଓ ମୋବାଇଲ ସ୍କ୍ରିନ୍‌ରେ ଟାଟା ସ୍କାଏ ବି୍ ସର୍ଭିସ୍ ପାଇପାରିବେ। ୧୪୯ ଟଙ୍କାର ମୋବାଇଲ୍ ଓନ୍‌ଲି ପ୍ଲାନ୍ କେବଳ ମୋବାଇଲ ସ୍କ୍ରିନ୍‌ଗୁଡିକରେ ଟାଟା ସ୍କାଏ ବି୍ ମୋବାଇଲ ଆପ୍ ମାଧ୍ୟମରେ ବି୍ ସର୍ଭିସ୍ ପାଇଁ ଆକ୍‌ସେସ୍ ପ୍ରଦାନ କରିବ।

## ପଣ୍ଡିତ ଦିନ୍‌ଦୟାଲ ଉପାଧ୍ୟାୟଙ୍କ ଜନ୍ମତିଥି ପାଳିତ

ଖୋର୍ଦ୍ଧା : ପଣ୍ଡିତ ଦିନ୍‌ଦୟାଲ ଉପାଧ୍ୟାୟଙ୍କ ଜନ୍ମ ଦିବସ ଉପଲକ୍ଷେ ମଳିପଡ଼ାସ୍ଥିତ ବିଜେପି କାର୍ଯ୍ୟାଳୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡେଇତରାୟଙ୍କ ସଭାପତିତ୍ୱରେ ଏକ ଶର୍ଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ସାଂସଦଙ୍କ ଖୋର୍ଦ୍ଧା ନଗର ପ୍ରତିନିଧି ଅବନୀକାନ୍ତ ଜେନା ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଆଶିଷ କୁମାର ବରିଶଲ, ଖୋର୍ଦ୍ଧା ନଗର ସାଧାରଣ ସମ୍ପାଦକ ତ୍ରିଲୋଚନ ଦାସ ଓ ଅନ୍ୟାନ୍ୟ କର୍ମକର୍ତାମାନେ ଉପସ୍ଥିତ ରହି ପଣ୍ଡିତ ଦିନ୍‌ଦୟାଲ ଉପାଧ୍ୟାୟଙ୍କୁ ଶ୍ରଦ୍ଧାଞ୍ଜଳି ଅପ୍ରଣ କରିଥିଲେ।

## ଶାରଦା ପ୍ରସନ୍ନ ମହାନ୍ତିଙ୍କୁ ୫ଟି ଜୋନର ସାଂଗଠନିକ ଦାୟିତ୍ୱ



ବଡଚଣା : ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଂଚାୟତରେ ବରିଷ୍ଠ ବିଜେଡି ନେତା ଜିଲ୍ଲା ଉପସଭାପତି ଶାରଦା ପ୍ରସାଦ ମହାନ୍ତିଙ୍କୁ ବଡଚଣା ନିର୍ବାଚନ ମଣ୍ଡଳୀର ୫ଟି ଜୋନର ବିଜେଡି ସାଂଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଛି । ବଡଚଣାର ୫ଟି ଜୋନର ସାଗଢନିକ ଓ ସଂଯୋଜକ ଭାବେ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଜିଲ୍ଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ଅଶୋକ କୁମାର ପଣ୍ଡା,ମାନ୍ୟବର ବିଧାୟକ ଅମର ପ୍ରସାଦ ଶତପଥିଙ୍କ ସୁପାରିଶ ଓ ଅନୁମୋଦନ କ୍ରମେ ନିଯୁକ୍ତି ପ୍ରଦାନ କରାଯାଇଛି । ଏଥିପାଇଁ ଶ୍ରୀ ମହାନ୍ତି ବିଜେଡି ସଭାପତି ଅରବିନ୍ଦ ସାମଲ.ଜିଲ୍ଲା ସଭାପତି ସରୋଜ ମହାପାତ୍ର ,ରାଜ୍ୟ ସଂଗଠନ ସଂପାଦକ କୋରେଇ ବିଧାୟକ ପ୍ରଣବ ଦାସ,ପଂଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲିକ,ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ,ଆମ୍ରା ଅଧ୍ୟକ୍ଷ ନିରଞ୍ଜନ ସେନାପତି,ଜିଲ୍ଲା ଉପସଭାପତି ଅମର ମହାନ୍ତି,ଜୋନ ସଂଯୋଜକ ତଥା କୋଷାଧ୍ୟକ୍ଷ ମିହିର ସ୍ୱାଇଁ,ଯୁବ ବିଜେଡି ଉପସଭାପତି ଅମିନ ଚରଣ ନାୟକ,ସରପଂଚ ଫନିନ୍ଦ୍ର ପଣ୍ଡା,ଓବିସି ସେଲ ଅଧ୍ୟକ୍ଷ ଅମୀୟ ବିଶ୍ୱାଳ,ସରପଂଚ ସଂଘ ସଭାପତି ଆଶିଷ ରଂଜନ ଚୌଧୁରୀ,ସରପଂଚ ଯଯାତି କେଶରୀ ରାଉତ,ଆଇନଜିବୀ ମନ୍ମଥ କୁମାର ରାୟ ସାହେବ,ଓକିଲ ସଂଘ ସଭାପତି ଦେବରାଜ ବେହେରା,ସରପଂଚ ହରପ୍ରିୟା ବରାଳ, ମନୋରଂଜନ ମଲିକ,ଜିଲ୍ଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା,ସଂପାଦକ ଅନନ୍ତ କିଶୋର ଜେନା,ସରପଂଚ ଯଗୁ କିଶୋର ଖିଲାର,ଅନନ୍ତ କିଶୋର ଦାସ, କିଚିନା ମହାପାତ୍ର,ଛାତ୍ର ବିଜେଡି ସଭାପତି ଜତୀନ୍ଦ୍ର ନାୟକ,ରାଜ୍ୟ ସଂପାଦକ ନବଦ୍ୱୀପ ନାୟକ,ଛାତ୍ର ଉପସଭାପତି ସଂଜୟ କୁମାର ବେହେରା ପ୍ରମୁଖ ଶ୍ରୀ ମହାନ୍ତିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ପ୍ରଦାନ କରିଛନ୍ତି । ବଡଚଣାର ସାଂଗଠନିକ ଦାୟିତ୍ୱ ତୁଲାଇ ଦଳକୁ ଦୃଢିଭୂତ କରି ଆଗାମୀ ନିର୍ବାଚନରେ ଦଳକୁ ବହୁମତ ପ୍ରଦାନ କରାଇବା ପାଇଁ ସଂକଳ୍ପବଦ୍ଧ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି ।

## ସାମ୍ବାଦିକ ଅରିନ୍ଦମଙ୍କ ବିୟୋଗରେ ଶୋକ ସଭା ଅନୁଷ୍ଠିତ

ଖୋର୍ଦ୍ଧା : ଯୁବ ସାମ୍ବାଦିକ ଅରିନ୍ଦମ ଦାସଙ୍କ ଅକାଳ ବିୟୋଗରେ ଖୋର୍ଦ୍ଧା ସାମ୍ବାଦିକ ଭବନ ପରିଷଦରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଲଳିତ ମୋହନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକ ସଭାରେ ସାମ୍ବାଦିକ ଜିତେନ୍ଦ୍ର କୁମାର ଭଞ୍ଜ, ପ୍ରକାଶ କୁମାର ହାତୀ, ପି.ତ୍ରୀପତୀ ବାଲାଜୀ ପାତ୍ର, ଦିଲ୍ଲୀପ କୁମାର ପଟ୍ଟନାୟକ, ପ୍ରବୀଣ କୁମାର ଭଞ୍ଜ, ରବିନାରାୟଣ ସାହୁ, ଜୋହେବ ହକ୍, ପ୍ରମୋଦ କୁମାର ମହାପାତ୍ର, ଲକ୍ଷ୍ମୀଧର ସାହୁ, ସଂଜୟ କର, ରଞ୍ଜିତ ପାଟଶାଣୀ, ପ୍ରଭାତ ପାଣିଗ୍ରାହୀ, ରାମନାରାୟଣ ଦାଶ, ପ୍ରଶାନ୍ତ ସାହୁ, ମନୋଜ ସାହୁ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦାସଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କର ସାମ୍ବାଦିକତା ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟରତ ଅବସ୍ଥାରେ ମହାନଦୀରେ ବୋଟ ଓଲଟି ମୃତ୍ୟୁ ବରଣ କରିବା ଘଟଣା ଆଜି ସମସ୍ତ ସାମ୍ବାଦିକଙ୍କୁ ସ୍ତବ୍ଧ କରିଦେଇଥିବା ଏବଂ ତାଙ୍କର ଏହି ଦୁଃଶାହାସିକ କାର୍ଯ୍ୟ ସମସ୍ତ ସାମ୍ବାଦିକଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ। ଏଥି ସହିତ ତାଙ୍କ ପରିବାରକୁ ଅନୁକମ୍ପା ରାଶିରେ ଅଧିକ ଆର୍ଥିକ ସହାୟତା ଏବଂ ପରିବାରେ ଜଣକୁ ସରକାରୀ ଚାକରି ଦେବା ନିମନ୍ତେ ସାମ୍ବାଦିକ ମାନଙ୍କ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ୧୧୦,୦୦୦ରୁ ଅଧିକ ଋତୁକାଳୀନ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି ଆମାଜନ ଇଣ୍ଡିଆ

ଭୁବନେଶ୍ୱର: ଆମାଜନ ଇଣ୍ଡିଆ ପକ୍ଷରୁ ଆଜି ଘୋଷଣା କରାଯାଇଛି ଯେ ଆଗକୁ ଥିବା ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଏହା ନିଜର ସମଗ୍ର ପରିଚାଳନା ନେଟ୍‌ୱର୍କରେ ୧୧୦,୦୦୦ରୁ ଉର୍ଦ୍ଧ୍ୱ ଋତୁକାଳୀନ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ଏହି ସୁଯୋଗଗୁଡ଼ିକରେ ଭାରତର ମୁମ୍ବାଇ, ଦିଲ୍ଲୀ, ପୁନେ, ବାଙ୍ଗାଲୋର, ହାଇଦ୍ରାବାଦ୍, କୋଲକାତା, ଲକ୍ଷ୍ନୌ ଏବଂ ଚେନ୍ନାଇ ଭଳି ଆହୁରି ଅନେକ ସହରଗୁଡ଼ିକରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସାମିଲ ରହିଛି । ଏହି ନୂତନ ନିଯୁକ୍ତିର ଅଧିକାଂଶ ଆମାଜନର ବିଦ୍ୟମାନ ଆସୋସିଏଟ ନେଟ୍‌ୱର୍କରେ ସାମିଲ ହୋଇଛନ୍ତି ଏବଂ ଯେଉଁମାନେ ସେମାନଙ୍କୁ ଗ୍ରାହକଙ୍କ ଅର୍ଡରକୁ ସୁରକ୍ଷିତ ଏବଂ ଦକ୍ଷତାର ସହ ବାଛିବା, ପ୍ୟାକ କରିବା, ସିପ କରିବା ଏବଂ ପହଂଚାଇବାରେ ସାହାଯ୍ୟ କରିବେ । ଏହି ନୂତନ ନିଯୁକ୍ତିରେ ମଧ୍ୟ ଗ୍ରାହକ ସେବା ସହାୟକମାନେ ରହିଛନ୍ତି, ଯେଉଁଥିରୁ କିଛି ଭର୍ଚୁଆଲ ଗ୍ରାହକ ସେବା ମଡେଲର ଅଂଶ ଅଟନ୍ତି, ଯାହାକି ଜଣକୁ ଘରର ଆରାମଦାୟକତା ମଧ୍ୟରୁ କାର୍ଯ୍ୟ କରିବାର ସୁଗମତା ପ୍ରଦାନ କରିଥାଏ । ଏହି ନୂଆ ନିଯୁକ୍ତିଗୁଡ଼ିକ ଚଳିତ ମାସ ପୂର୍ବରୁ ଆମାଜନ ପକ୍ଷରୁ ନୀକଟରେ ଘୋଷଣା କରାଯାଇଥିବା ଏହାର ସର୍ବପ୍ରଥମ କ୍ୟାରିଅର ଡେ ର ୮୦୦୦ ନିଯୁକ୍ତି ସୁଯୋଗ ସହିତ ଅନ୍ତର୍ଭୁକ୍ତ ରହିଛି । ଏହି ଋତୁକାଳୀନ ସୁଯୋଗଗୁଡ଼ିକ ୨୦୨୫ ସୁଦ୍ଧା ଦେଶରେ ୧ ମିଲିୟନ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନେଇ ଆମାଜନ ଇଣ୍ଡିଆର ପ୍ରତିଶ୍ରୁତି ଦିଗରେ ଆଉ ଏକ ପଦକ୍ଷେପ । ନ୍ତପାର୍ବଣ ଋତୁ ସମୟରେ ଗ୍ରାହକମାନେ ସେମାନଙ୍କ ସପିଙ୍ଗ ଅର୍ଡରଗୁଡ଼ିକର ନିରାପଦ, ଭରସାଯୋଗ୍ୟ ଏବଂ ଦ୍ରୁତ ଡେଲିଭରୀ ପାଇଁ ଆମାଜନ ଉପରେ ନିର୍ଭର କରନ୍ତି । ୧୧୦,୦୦୦ରୁ ଉର୍ଦ୍ଧ୍ୱର ଏହି ଅତିରିକ୍ତ କର୍ମଜୀବୀ ଆମକୁ ଆମର ଫୁଲଫିଲମେଂଟ, ଡେଲିଭରୀ ଏବଂ ଗ୍ରାହକ ସେବା ଦକ୍ଷତାକୁ ମଜବୁତ କରିବାରେ ସାହାଯ୍ୟ କରିବେ ଏବଂ ଏକ ଅତୁଳନୀୟ ଗ୍ରାହକ ଅନୁଭୂତି ପରିଚାଳନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ । ଏହି ନିଯୁକ୍ତି ଜୀବନ ଜୀବିକା ଏବଂ ଆର୍ଥିକ ସ୍ୱାଧିନତା ସହିତ ହଜାର ହଜାର ବ୍ୟକ୍ତିବିଶେଷଙ୍କୁ ସହାୟତା ମଧ୍ୟ କରିବ । ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତତାକୁ ଆମର ସମସ୍ତ ବ୍ୟକ୍ତି ଉଦ୍ଭାବନର କେନ୍ଦ୍ରରେ ରଖି ଆମେ ସବୁ ବର୍ଗର ଆସୋସିଏଟମାନଙ୍କୁ ସ୍ୱାଗତ କରୁଛୁ , ଯେଉଁମାନେକି ସାରା ଭାରତରେ ଆମର ଗ୍ରାହକ ଏବଂ ବିକ୍ରେତାମାନଙ୍କ ପାଇଁ ଏକ ଆନନ୍ଦଭରା ପାର୍ବଣ ଋତୁ ଯୋଗାଇଦେବାରେ ଆମକୁ ସାହାଯ୍ୟ କରିବେ ।,ନ୍ତ ବୋଲି ଅଖିଲ ସକ୍ସେନା, ଭିପି-କଷ୍ଟମର ଫୁଲଫିଲମେଂଟ ଅପରେସନ, ଏପିଏସି, ମେନା ଏବଂ ଲାଟମ, ଆମାଜନ କହିଛନ୍ତି । ନ୍ତମୁଁ ନୀକଟରେ ଆମାଜନର ଫୁଲଫିଲମେଂଟ ସେଂଟରରେ କାର୍ଯ୍ୟ କରିବା ଆରମ୍ଭ କରିଛି ଯେଉଁଠାରେ ମୁଁ ଗ୍ରାହକଙ୍କ ଅର୍ଡର ପ୍ୟାକ କରେ । ମୁଁ ଏହି କାର୍ଯ୍ୟ ପରିବେଶ ଏବଂ ଆମକୁ ଯୋଗାଇଦିଆଯାଉଥିବା ସୁବିଧାଗୁଡ଼ିକୁ ବାସ୍ତବରେ ବହୁତ ପସନ୍ଦ କରେ । ବିଲ୍ଡିଙ୍ଗରେ କାର୍ଯ୍ୟରତ ସମସ୍ତଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଏ । ମୁଁ ମୋ ପରିବାରକୁ ସହାୟତା କରିବାକୁ ସକ୍ଷମ ହୋଇଥିବାରୁ ବହୁତ ଖୁସି ।ନ୍ତ ବୋଲି ଆମାଜନ ଇଣ୍ଡିଆରେ ନୀକଟରେ ଋତୁକାଳୀନ ନିଯୁକ୍ତି ପାଇଥିବା ମଧ୍ୟରୁ ଅନ୍ୟତମ ଜୟଶ୍ରୀ ସାମନ୍ତ କହିଛନ୍ତି ।

## ମଧୁକେଶ୍ୱର ବିଦ୍ୟାପୀଠର ପୁରୁଣା ଗୃହ ସଂରାଜାମ ବିକ୍ରି ପଡାଇଁ ପରିଚାଳନା କମିଟିର ବୈଠକରେ ନିଷ୍ପତ୍ତି

ଚଣ୍ଡିଖୋଲ: ଧର୍ମଶାଳା ବ୍ଲକ କଂଟିଗଡିଆ ଗ୍ରାମରେ ମଧୁକେଶ୍ୱର ବିଦ୍ୟାପୀଠର ପରିଚାଳନା କମିଟିର ଏକ ବୈଠକ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପରିଚାଳନା କମିଟିର ସଦସ୍ୟ କାର୍ତିକ ଚନ୍ଦ୍ର ଜେନା, ସଦାନନ୍ଦ ହୋତା, କଳ୍ପନା ଦାସ ଓ ସରୋଜିନି ତ୍ରିପାଠୀ, ସୁଷମା ସାହୁ, ସ୍ୱପ୍ନା ଦାସ, ପ୍ରମୋଦ ଦାସ, ରବୀନ୍ଦ୍ର କୁମାର ଖିଲାର, ଝିଲ ଦଳାଇ ପ୍ରମୁଖ ଉପସ୍ଥିତି ଥିଲେ। ପୁରଣା ଗୃହରୁକାଠ ବେଂଚ, ଲୁହା ଗ୍ରିଲ, ଝରକା ବର୍ଷାରେ ନଷ୍ଟ ହୋଇଯାଉଥିବାରୁ ଉକ୍ତ ସରଞ୍ଜାମକୁ ନିଲାମ ଆକାରରେ ବିକ୍ରି କରିବା ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଗାଲା। କୀଶୋର କୁମାର ଦାସ, କାର୍ତିକ ଚନ୍ଦ୍ର ଦାସ, ପ୍ରମୋଦ କୁମାର ଦାସଙ୍କୁ ଉକ୍ତ ସଂରଜାମକୁ ବିକ୍ରି କରିବା ପାଇଁ ବୈଠକରେ ଗୃହୀତ ହୋଇଥିଲା। ସ୍କୁଲରେ ଏଲିମେଂଟାରୀ ସେକସନରେ ୧୬୫ ଜଣ ପିଲାମାନଙ୍କୁ ପାଠ ପଢାଇବା ପାଇଁ ଶିକ୍ଷକ ମାନଙ୍କର ଅଭାବ ବିଷୟରେ ଆଲୋଚନା କରାଯାଇଥିଲା। ସଭାପତି ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ବଳ, ଶିକ୍ଷକ ପ୍ରଧିନିଧି ୨ ଜଣଙ୍କୁଧର୍ମଶାଳା ଟିକା ମଣ୍ଡଳ ଅଧିକାରୀଙ୍କୁ ଦେଖାକରି ଏ ସମସ୍ୟାର ସମାଧାନ କରିବାକୁ ନିଷ୍ପତି ନିଆଗଲା। ରାଜ୍ୟ ସରକାର ୫ଟି ଯୋଜନାରେ ଉକ୍ତ ମଧୁପିଠ ବିଦ୍ୟାପୀଠକୁ ନୂତନ ମାନର ଗୃହ ନିର୍ମାଣ କରାଯାଇ ଶିକ୍ଷା ଦେବାର ବନ୍ଦୋବସ୍ତ କରିଥିବାରୁ କମିଟି ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତ ଜ୍ଞତା ଜଣାଇଛନ୍ତି। ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ହେଉଥିବା ଅଭିଯୋଗକୁ ଭିତିହୀନ ଓ କପୋଳ କଳ୍ପିତ ବୋଲି ଜଣାପଡିଥିଲା। ଯେଉଁ ଅଭିଯୋଗ ଯେଉଁମାନେ ଆଣୁଛନ୍ତି ତାହା ସଂପୂର୍ଣ୍ଣ ମିଥ୍ୟା ଅଟେ ବୋଲି ପରିଚାଳନା ସମିତି ପକ୍ଷରୁ ନିନ୍ଦା କରାଯାଇଥିଲା।

## ଜାତୀୟ ସେବା ଯୋଜନା ଦିବସ ପାଳନ ତଥା ସହିଦ ସ୍ମାରକୀ ବୃକ୍ଷରୋପଣ ଉତ୍ସବ ଉଦ୍‌ଘାଟିତ




ଖୋର୍ଦ୍ଧା : କାଇପଦର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ପ୍ରେରଣା ଇଂଟରନ୍ୟାସନାଲ ଗ୍ରୀନ ଆର୍ମିର ମିଳିତ ସହଯୋଗରେ ଜାତୀୟ ସେବା ଯୋଜନା ଦିବସ ପାଳନ ଏବଂ ସ୍ୱାଧୀନତା ସଂଗ୍ରାମୀ ସହିଦ ସ୍ମାରକୀ ବୃକ୍ଷରୋପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ବିଶିଷ୍ଟ ପରିବେଶ ବିତ୍ ତଥା ସ୍ତମ୍ଭକାର ଭଗବାନ ପ୍ରକାଶ ପ୍ରଥମେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମରେ ବୃକ୍ଷରୋପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଶ୍ରୀଜଗନ୍ନାଥଙ୍କ ନାମରେ ଏକ ନିମ୍ବ ବୃକ୍ଷ ରୋପଣ କରିଥିଲେ। ସେହିପରି ପୁନଶ୍ଚ ପୃଥିବୀର ଆବାହିକା ତଥା ସମ୍ବାଦର କାର୍ଯ୍ୟାନିର୍ବାହୀ ନିର୍ଦ୍ଦେଶିକା ତନୟା ପଟ୍ଟନାୟକ ମଦରଟେରେସାଙ୍କ ନାମରେ ପ୍ରେରଣା ଗ୍ରୀନ ଆର୍ମିଂର କମାଣ୍ଡର ଇନଚିପ୍ ଦିଲ୍ଲୀପ ଶ୍ରୀଚନ୍ଦନ ନେତାଜୀ ସୁବାଷ ବୋଷ ଓ କଲେଜର ଅଧ୍ୟକ୍ଷ ଅଶୋକ ରାୟସିଂହ ଗୋପବନ୍ଧୁଙ୍କ ନାମରେ ବୃକ୍ଷ ରୋପଣ କରିବା ପରେ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ବୃନ୍ଦ ତଥା ଛାତ୍ର ଛାତ୍ରୀମାନେ ବୃକ୍ଷରୋପଣ କରିଥିଲେ। ଏହାପରେ ପରିବେଶ ସୁରକ୍ଷା ସମ୍ପର୍କରେ ଏକ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ରାୟସିଂହଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଡ଼କ୍ଟର ଭଗବାନ ପ୍ରକାଶ, ପ୍ରଫସର ହରେକୃଷ୍ଣ ଶତପଥୀ, ତନୟା ପଟ୍ଟନାୟକ, ଇଂ.ବିଶ୍ୱମୋହନ ପଟ୍ଟନାୟକ, କଲେଜର ପୂର୍ବତନ ସମ୍ପାଦକ ପର୍ଶୁରାମ ମାର୍ଥା, ପୂର୍ବତନ ଅଧ୍ୟକ୍ଷ ଜଗମୋହନ ପଟ୍ଟନାୟକ, ଡ଼କ୍ଟର ମନୋଜ ସାମନ୍ତରାୟ, ପ୍ରେରଣା ଗ୍ରୀନ ଆର୍ମିଂର ମୁଖ୍ୟ ଡ଼କ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ପାଠ୍ୟକ୍ରମ ଅଧିକାରୀ ତରୁଣକାନ୍ତି ରାୟ ଅଧ୍ୟାପିକା ଅନୁପମା ଚମ୍ପତିରାୟ, ମାନସ ଜୟସିଂହ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଜାତୀୟ ସେବା ଯୋଜନା ଦିବସର ତାତ୍ପର୍ଯ୍ୟ ତଥା ଛାତ୍ର ଛାତ୍ରୀମାନଙ୍କର ବ୍ୟକ୍ତିତ୍ୱ ବିକାଶରେ ଏବଂ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ତୁଲାଏ ଏ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray